

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୦ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 20 JANUARY 2026
Vol.No. 36 ■ No.19 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍‌ଶୀଘ୍ର ପ୍ରକାଶ ପାଇବ
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ୟୁଏଇ ରାଷ୍ଟ୍ରପତିଙ୍କ ଭାରତ ଗସ୍ତ

## ■ସ୍ୱାଗତ କରିବା ପାଇଁ ପ୍ରୋଟୋକଲ ଭାଙ୍ଗିଲେ ମୋଦୀ
## ■ମାତ୍ର ୨ ଘଣ୍ଟାର ଗସ୍ତରେ ଅଭୂତପୂର୍ବ ବନ୍ଧୁତାର ନିଦର୍ଶନ




ନୂଆଦିଲ୍ଲୀ,୧୯/୧ : ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହୟାନ ଆଜି ଭାରତ ଗସ୍ତରେ ଆସିଛନ୍ତି । ସେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୋଟୋକଲ ଭାଙ୍ଗି ବ୍ୟକ୍ତିଗତ ଭାବେ ବିମାନବନ୍ଦର ଯାଇ ତାଙ୍କୁ ସ୍ୱାଗତ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୟୁଏଇ ରାଷ୍ଟ୍ରପତି ମାତ୍ର ୨ ଘଣ୍ଟା ପାଇଁ ଭାରତ ଗସ୍ତରେ ଆସିଥିବାବେଳେ ମୋଦୀ ତାଙ୍କୁ ଯେଉଁ ଅପୂର୍ବ ବନ୍ଧୁତାର ନିଦର୍ଶନ ଦେଖାଇଛନ୍ତି ତାହା ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ପ୍ରତିଫଳନ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିମନ୍ତ୍ରଣକ୍ରମେ ନାହୟାନ ଭାରତ ଗସ୍ତରେ ଆସିଛନ୍ତି । ଏକ୍ସରେ ଏକ ପୋଷ୍ଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ମୋ ଭାଇ, ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହୟାନଙ୍କୁ ସ୍ୱାଗତ କରିବା ପାଇଁ ବିମାନବନ୍ଦରକୁ ଯାଇଥିଲି । ୟୁଏଇ ରାଷ୍ଟ୍ରପତିଙ୍କ ଗସ୍ତ ଭାରତ-ୟୁଏଇର ଦୃଢ଼ ବନ୍ଧୁତାକୁ ଦର୍ଶାଉଛି । ପ୍ରଧାନମନ୍ତ୍ରୀ ପରେ ୟୁଏଇ ରାଷ୍ଟ୍ରପତି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଲୋକ କଲ୍ୟାଣ ମାର୍ଗ ସ୍ଥିତ ତାଙ୍କ ସରକାରୀ ବାସଭବନରେ ସ୍ୱାଗତ କରିଥିଲେ । ଏହି ଗସ୍ତ ଅବସରରେ ମୋଦୀ ତାଙ୍କୁ କିଛି ସାଂସ୍କୃତିକ ଉପହାର ପ୍ରଦାନ କରିଛନ୍ତି । ଏଥିରେ ଫୁଲ ଓ ପାରମ୍ପରିକ ଡିଜାଇନରେ ପ୍ରସ୍ତୁତ ହୋଇଥିବା ଏକ ଗୁଜରାଟୀ ଝୁଲା ରହିଛି । ଏଥିସହ ମୋଦୀ ତାଙ୍କୁ ଏକ ହାତବୁଣା କାଶ୍ମୀରୀ ପଶମିନା ସାଲ୍ ଉପହାର ଦେଇଛନ୍ତି । ସୂଚନାନୁଯାୟୀ, ମୋଦୀ ଓ ୟୁଏଇ ରାଷ୍ଟ୍ରପତିଙ୍କ ମଧ୍ୟରେ ଆଲୋଚନାରେ ଭାରତ-ୟୁଏଇ ବ୍ୟାପକ ରଣନୈତିକ ସହଭାଗିତା ଉପରେ ଫୋକସ୍ ରହିଛି ଏବଂ ଏଥିସହ ଉଭୟ ନେତା ମିଳିତ ସ୍ୱାର୍ଥ-ସମ୍ବଳିତ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ମତବିନିମୟ କରିଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ୟୁଏଇ ରାଷ୍ଟପତି ହେବାପରେ ଏହା ଶେଖ ମହମ୍ମଦଙ୍କର ତୃତୀୟ ଭାରତ ଗସ୍ତ ।

# କୋଟି ଓଡ଼ିଆଙ୍କ ଭାବାବେଗ ସହ ଖେଳ: ଭାଇରାଲ୍ ହେଉଛି ମହାପ୍ରଭୁଙ୍କ ଦୁଗ୍ଧ ସ୍ନାନ ଭିଡିଓ

## ♦ସଂସ୍କୃତିକୁ ଅପଭ୍ରଂଶ କରୁଛି ଏଆଇ
## ♦ଅବାସ୍ତବ ଭିଡିଓକୁ ନେଇ ଶ୍ରଦ୍ଧାଳୁଙ୍କ ଉଦ୍‌ବେଗ



ଭୁବନେଶ୍ୱର, ୧୯/୧ (ନି.ପ୍ର): ପୁଣି ମୋବାଇଲରୁ ମୋବାଇଲକୁ ଘୁରି ବୁଲିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏଆଇ ଭିଡିଓ । ଭିଡିଓରେ ଦେଖିବାକୁ ମିଳୁଛି ପରଂପରା ବିରୋଧୀ ଅବାସ୍ତବ ଦୃଶ୍ୟ । ସିଂହଦ୍ୱାର ସମ୍ମୁଖରେ ବିଶାଳ ଶ୍ରୀବିଗ୍ରହ ଉପରେ କ୍ରେନ୍‌ରେ କ୍ଷୀର ଢଳାଯାଉଥିବା ଦେଖିବାକୁ ମିଳୁଛି । ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରନ୍ତି ଶ୍ରୀଜିଉ । କେବଳ ନବଦିନାତ୍ମକ ଯାତ୍ରା ପାଇଁ ବାହାରନ୍ତି ସିଂହଦ୍ୱାର ବାହାରକୁ । କିନ୍ତୁ ଦେଖନ୍ତୁ କୃତ୍ରିମ ବୁଦ୍ଧିମତା ବା ଏଆଇ ଦ୍ୱାରା ତିଆରି ଏହି ଭିଡିଓକୁ । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ବିଶାଳ ବିଗ୍ରହ । କ୍ରେନ୍‌ରେ ଢଳାଯାଉଛି କ୍ଷୀର । ଭିଡିଓରେ ବିଗ୍ରହର ପାଦ ବି ଦେଖିବାକୁ ମିଳୁଛି । କେଉଁ ନୀତି ବା ପର୍ବକୁ ସୂଚାଉଛି ଏହି ଭିଡିଓ ? କ'ଣ ଏହାର ଯଥାର୍ଥତା ? କ'ଣ ଏହି ଭିଡିଓର ଉଦ୍ଦେଶ୍ୟ ? ଭକ୍ତିଭାବ ନା ଭିୟୁ ବଢ଼ାଇବା ? ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ୍ ପରେ, ଉଦବେଗ ◆◆ପୃଷ୍ଠା ୭

# ଏସ୍‌ଆଇଆର ପ୍ରସଙ୍ଗରେ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୯/୧ : ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଯୋଗୁ ଲୋକମାନେ କେତେ ଚାପରେ ଅଛନ୍ତି ତାହା ନିର୍ବାଚନ କମିସନ ବୁଝିବା ଆବଶ୍ୟକ । 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ ପାଇଥିବା ୧.୨୫ କୋଟି ଭୋଟରଙ୍କ ନାମ ପ୍ରକାଶ କରିବା ସହ ସେଗୁଡ଼ିକର ଯାଞ୍ଚ ଯେଭଳି ସ୍ୱଚ୍ଛ ଭାବେ ହେବ ତାହା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ଆଜି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଆଜି ନିର୍ବାଚନ କମିସନଙ୍କୁ 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ୍ ପାଇଥିବା ଭୋଟରଙ୍କ ନାମ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେବା ସହ କହିଛନ୍ତି ଏହି ନାମଗୁଡ଼ିକ ଗ୍ରାମ ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ ଏବଂ ୱାର୍ଡ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବା ଉଚିତ । ନୋଟିସ୍ ପାଇଥିବା ଲୋକଙ୍କୁ ଦସ୍ତାବିଜ୍ ଦାଖଲ କରିବା ପାଇଁ ଅଧିକ ସମୟ ଦିଆଯିବା ଉଚିତ । କୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଶୁଣାଣି ସମୟରେ ପର୍ଯ୍ୟାପ୍ତ ମାନବସମ୍ବଳ ନିୟୋଜିତ ◆◆ପୃଷ୍ଠା ୭

# ନିର୍ମାଣ ବିଭାଗର ସମୀକ୍ଷା ବୈଠକ: ସବୁ ସରକାରୀ କାର୍ଯ୍ୟ ଓଡ଼ିଆରେ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୯/୧ (ନି.ପ୍ର): ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ବିଭାଗକୁ ଯେଉଁ ୧୫ ସୂତ୍ରୀ ବିଷୟ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି, ତାହାକୁ କିଭଳି ଅନୁପାଳନ କରାଯାଇପାରିବ ସେ ନେଇ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏଥିରେ ସବୁ ସରକାରୀ କାର୍ଯ୍ୟ ଏପରିକି ଚିଠିପତ୍ର, ସରକାରୀ ନିର୍ଦ୍ଦେଶନାମା ଆଦି ଓଡ଼ିଆରେ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ରାଜ୍ୟ ସରକାର ସବୁବେଳେ ନୂତନ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଆସୁଛନ୍ତି । ତେଣୁ ଖାଲିଥିବା ପଦ ପୂରଣ ଏବଂ ପଦୋନ୍ନତି ଅପେକ୍ଷାରେ ଥିବା ଯୋଗ୍ୟ ଅଧିକାରୀଙ୍କୁ ତୁରନ୍ତ ପଦୋନ୍ନତି ଦେବା ପାଇଁ ବୈଠକରେ ଶ୍ରୀ ସିଂହ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ପ୍ରମୁଖ ଶାସନ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂହ କହିଥିଲେ ଯେ ବର୍ତ୍ତମାନ ଯୁଗ ହେଉଛି ଟେକ୍‌ନୋଲୋଜିର ଯୁଗ । ତେଣୁ ସମୟ ସହିତ ତାଳଦେଇ ଆଗକୁ ବଢ଼ିବାକୁ ପଡ଼ିବ । ପାରମ୍ପରିକ ଶୈଳୀରେ ଫାଇଲ କାର୍ଯ୍ୟ ଯୋଗୁଁ କାର୍ଯ୍ୟ ଅଯଥା ବିଳମ୍ବିତ ହେଉଛି । ତେଣୁ ଏଣିକି ସବୁ ସରକାରୀ କାର୍ଯ୍ୟ ଏବଂ ଫାଇଲ ଅନ୍‌ଲାଇନ୍ ଓ ଓସ୍ୱାସ୍ ଜରିଆରେ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ◆◆ପୃଷ୍ଠା ୭

# ୩ ଦିନରେ ସମାଧାନ ହେବ ଆୟୁଷ୍ମାନ ଯୋଜନାର ସମସ୍ୟା

ଭୁବନେଶ୍ୱର, ୧୯/୧ (ନି.ପ୍ର): ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ସମ୍ପର୍କରେ ଦୁଇ ଦିନିଆ ଚିନ୍ତନ ଶିବିର ଆୟୋଜିତ ହୋଇଛି । ଏହି ଶିବିରରେ ଯୋଜନାର କାର୍ଯ୍ୟାନ୍ୱୟନ, କାର୍ଡ ତିଆରି ପ୍ରକ୍ରିୟା ଓ ଡିଜିଟାଲ ସୁବିଧା ନେଇ ଆଲୋଚନା କରାଯାଇଛି । ଶିବିରରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ କାର୍ଡ ସମ୍ପର୍କିତ ସମସ୍ତ ସମସ୍ୟା ଖୁବଶୀଘ୍ର ସମାଧାନ ହେବ । ଯେଉଁ ଯୋଗ୍ୟ ଲାଭାର୍ଥୀ ମାନଙ୍କର ଏ ପର୍ଯ୍ୟନ୍ତ କାର୍ଡ ◆◆ପୃଷ୍ଠା ୭

# ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣାଉଛନ୍ତି ସରକାର

ଭୁବନେଶ୍ୱର, ୧୯/୧ (ନି.ପ୍ର): ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତିର ଦ୍ୱାହି ହେଉଥିବା ଲୋକଙ୍କ ସରକାର, ଲୋକାୟୁକ୍ତ ନିଯୁକ୍ତି କ୍ଷେତ୍ରରେ କାହିଁକି ଦେଉଛନ୍ତି ପଛଘୁଞ୍ଚା ? ୧୯ ମାସ ହେଲା ଲୋକାୟୁକ୍ତ କୋମାରେ ପଡ଼ିଥିଲେ ବି, କାହିଁକି ଗଡ଼ାଇ ଚାଲିଛନ୍ତି ସମୟ ? ଚର୍ଚ୍ଚା ହେଉଛି, ସରକାରଙ୍କ ପାଇଁ ଅଡୁଆ ସାଜିଛି ପୂର୍ବ ସରକାରରେ ଗଠିତ ସର୍ଚ୍ଚ କମିଟି । ସେପଟେ ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲାରେ ଆସନ୍ତାମାସ ହେବାକୁ ଥିବା ଶୁଣାଣିକୁ ବି ଅପେକ୍ଷା ରହିଛି । ଦେଢ଼ ବର୍ଷରୁ ଅଧିକ ସମୟ ଧରି ଲୋକାୟୁକ୍ତ ଅଚଳ ପଡ଼ିଥିଲେ ବି, ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ସମୟ ଗଡ଼ାଇ ଚାଲିଛନ୍ତି ରାଜ୍ୟ ସରକାର । ଲୋକାୟୁକ୍ତ ଆଇନ-୨୦୧୪ର ସଂଶୋଧନ ପାଇଁ ◆◆ପୃଷ୍ଠା ୭

# ପରିବେଶ ପ୍ରଦୂଷଣ ଚିନ୍ତା: ଖଣି ଅଂଚଳରେ କଡ଼ାକଡ଼ି ହେବ ଯାଂଚ

ଭୁବନେଶ୍ୱର, ୧୯/୧ (ନି.ପ୍ର): ଖଣି ଅଂଚଳରେ ପରିବେଶ ପ୍ରଦୂଷଣ ନେଇ ସରକାରଙ୍କ ଚିନ୍ତା ବଢ଼ିଛି । ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ କହିଛନ୍ତି ଯେ ଖଣି ଅଂଚଳରେ କଡ଼ାକଡ଼ି ଯାଂଚ ହେବ । ଯାଂଚ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଖଣି ଅଂଚଳରେ ପ୍ରବଳ ଧୂଳି ଉଡୁଥିବାରୁ ପରିବେଶ ପ୍ରଦୂଷଣ ହେଉଛି । ଟ୍ରକ ପାର୍କିଙ୍ଗ ଏବଂ ଖଣି ଗୁଡିକୁ ଆପ୍ରୋଚ ରୋଡରେ କଡ଼ାକଡ଼ି ଯାଂଚ ହେବ । ୫ ଜଣିଆ ଟିମ୍ ଯାଂଚ କରିବ । ଅନ୍ୟପଟେ ମନ୍ତ୍ରୀ କହିଛନ୍ତି ବିଗତ ଦିନରେ ପଦକ୍ଷେପ ସଫଳ ହୋଇଛି । କଟକଣା ଯୋଗୁଁ ଏକ୍ୟୁଆଇ ଡେଂଜର ଲେଭୁଲରୁ ବାହାରିଛି ।

# ବନ୍ଧା ହେବେ ଗୋତସ୍କର କାର୍ପଟଦାର: ଆଗକୁ ଜୋରଦାର ହେବ ଚଢ଼ାଉ

## ଗୋମାଫିଆଙ୍କ ୫୦ କୋଟି ସଂପତ୍ତି ଜବତ

ଭୁବନେଶ୍ୱର, ୧୯/୧ (ନି.ପ୍ର): ଗିରଫ ୧୦ଜଣ ଗୋମାଫିଆଙ୍କ ଠିକଣାରୁ ଜବତ ୫୦ କୋଟି ସଂପତ୍ତି ମଧ୍ୟରେ ରହିଛି ମାଫିଆଙ୍କ ଘର, ବ୍ୟାଙ୍କ ଜମା, ଜମିବାଡ଼ି ସହ, ଅନ୍ୟାନ୍ୟ ସମ୍ପତ୍ତି । ଯାହା ସେମାନେ ଠୁଳ କରିଥିଲେ ବେଆଇନ ଭାବେ ଗୋରୁ ଚାଲାଣ କରି । କେବଳ ଗିରଫ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନରେ ସୀମିତ ରହିବ ନାହିଁ କାର୍ପଟଦାରଙ୍କୁ ବି ବନ୍ଧା ଯିବ । ଗୋତସ୍କରଙ୍କ ପଛରେ ରହି ଯେଉଁମାନେ ସୁରକ୍ଷା ଦେଉଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ତେଣୁ ଆଗକୁ ବଡ଼ ବଡ଼ ଗୋମାଫିଆ ଓ କାର୍ପଟଦାର ପୋଲିସ ସ୍କାନରକୁ ଆସିବା ସମ୍ଭାବନା ରହିଛି । ଏବେ ଗିରଫ ଭୟରେ ସେମାନେ ଲୁଚିବା ଆରମ୍ଭ କଲେଣି । ଗୋମାଫିଆଙ୍କ ୪ଟି ଜିଲ୍ଲାର ୪୬ଟି ଠିକଣାରେ ଶନିବାର ଚଢ଼ାଉ କରି କେନ୍ଦୁଝର ପୁଲିସ ୧୦ଜଣଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଛି । ଗୋଚାଲାଣ ରାକେଟର କିଙ୍ଗପିନ୍ ଭଦ୍ରକର ଶେଖ୍ ରାଜନ ଓ ସହଯୋଗୀଙ୍କ ବିଭିନ୍ନ ଠିକଣାରୁ ୫୦ କୋଟି ଟଙ୍କାର ସଂପତ୍ତି ଠାବ, ସାରା ରାଜ୍ୟକୁ ଚକିତ କରିଛି । ଗୋମାଫିଆ ସଂପତ୍ତି ପୋତା ଯେତେ ଉଭା ସେତେ । ଜେରା ବେଳେ ପୁଲିସ ହାତରେ ଗୋରୁ ଚାଲାଣରୁ ଅର୍ଜିତ ବିପୁଳ ସଂପତ୍ତିର ପ୍ରମାଣ ଲାଗିଛି । ତେଣୁ କେନ୍ଦୁଝର ପୁଲିସ ଏବେ ଗିରଫ ଅଭିଯୁକ୍ତଙ୍କ ୫୦ଟି ବ୍ୟାଙ୍କ ଆକାଉଣ୍ଟ ଓ ୨୦ରୁ ଅଧିକ ଲକର ଖୋଲିବାକୁ ସ୍ଥିର କରିଛି । ବେଆଇନ ଗୋଚାଲାଣରେ ଆଖି ତରାଟି ଦେଲା ଭଳି ଟଙ୍କାର କାରବାର ପ୍ରଭାବଶାଳୀଙ୍କ ଛତ୍ରଛାୟା ବିନା ସମ୍ଭବ ନୁହେଁ । ତେଣୁ ଏହି ରାକେଟର ମୂଳୋତ୍ପାଟନ ପାଇଁ ତଦନ୍ତ ପରିସରକୁ ବ୍ୟାପକ କରିବାକୁ ଦାବି ହେଉଛି । ଆଗକୁ ଅନ୍ୟ ଜିଲ୍ଲାର କେବେ ଗୋମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ତା ଉପରେ ସମସ୍ତଙ୍କ ନଜର ।

# ସୈରିନ୍ଧ୍ରୀ ସାହୁ ପାଇଲେ କେନ୍ଦୁଝର ଲେଖିକା ସଂସଦର ସର୍ବୋଚ୍ଚ ସମ୍ମାନ-ଶତରୂପା




ବାଲେଶ୍ୱର, ୧୯/୦୧(ନି.ପ୍ର): କେନ୍ଦୁଝର ଜିଲ୍ଲା ଲେଖିକା ସଂସଦର ୨୫ତମ ବାର୍ଷିକ ଉତ୍ସବ ସହରସ୍ଥ ରୋଟାରୀ ଭବନଠାରେ ୧୮ ତାରିଖ ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଥିଲା ବେଳେ ସେହି ଉତ୍ସବରେ ବାଲେଶ୍ୱରର ବିଶିଷ୍ଟ ଲେଖିକା ତଥା ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ଶ୍ରୀମତୀ ସେରିନ୍ଧ୍ରୀ ସାହୁଙ୍କୁ ସଂସଦର ସର୍ବୋଚ୍ଚ ସମ୍ମାନ ଶତରୂପା-୨୦୨୫ ଅର୍ପଣ କରାଯାଇଛି । ଏଥିରେ ଲେଖିକା ସଂସଦର ସଭାପତି ମମତାରାଣୀ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଡ. ମମତାରାଣୀ ନାୟକ, ମୁଖ୍ୟବକ୍ତା ଭାବେ ସୈରିନ୍ଧ୍ରୀ ସାହୁ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଲେଖିକା ଗୀତାରାଣୀ ଦାସ ଯୋଗ ଦେଇଥିଲେ । ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ସଂସଦର ଉପସଭାପତି ବିଜୟଲକ୍ଷ୍ମୀ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ସାଂସ୍କୃତିକ ସଂପାଦିକା ଲିପିକା ଦାସ ପଟ୍ଟନାୟକ ମଂଚ ପରିଚାଳନା କରିଥିଲେ । ସଂଯୋଜନା କରିଥିଲେ ମନ୍ଦାକିନୀ କର ଓ ଗୀତାଞ୍ଜଳି ପାତ୍ର । ଉତ୍ସବରେ ସଂସଦର ସଂପାଦିକା ଇନ୍ଦୁମତୀ ପାତ୍ର ବାର୍ଷିକ ବିରଣୀ ପାଠ କରିଥିବା ବେଳେ ପୁଷ୍ପାଂଜଳି ଆଚାର୍ଯ୍ୟ ବେଦମନ୍ତ୍ର ପାଠ କରିଥିଲେ । ପ୍ରାରମ୍ଭରେ ସଂସଦର ପୂର୍ବତନ ସଭାପତି ବିଜୟଲକ୍ଷ୍ମୀ ଦୀକ୍ଷିତଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଂସଦର ସହସମ୍ପାଦିକା ଶୋଭନା ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ସଂସଦର ଶତରୂପା ସମ୍ମାନ ସହ ଝାନ୍‌ସୀ ରାଣୀ ସମ୍ମାନ ଭାନୁମତୀ ବେହେରା, ଦୁଃଖୀଦେବୀ ସେବା ସମ୍ମାନ ପୌରପାଳିକାର ପରିମଳ ଯାନବାହିକା ବାସନ୍ତୀ ନାୟକଙ୍କୁ ଓ ବିଦ୍ୟୁତଲତା ବଳ ଶିକ୍ଷା ସମ୍ମାନ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅପରାଜିତା ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । କୋଷାଧ୍ୟକ୍ଷା ସନ୍ତୋଷିନୀ ଦାସ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ କେନ୍ଦୁଝର ଜିଲ୍ଲାର ବହୁ ଲେଖିକା ଓ ଲେଖକ ଯୋଗଦାନ କରିଥିଲେ ।

# ନନ୍ଦନକାନନରେ ଜଳପକ୍ଷୀ ଗଣନା ଶେଷ

ଭୁବନେଶ୍ୱର, ୧୯/୧ (ନି.ପ୍ର): ନନ୍ଦନକାନନରେ ଜଳପକ୍ଷୀ ଗଣନା ଶେଷ ହୋଇଛି । ଗଣନାରୁ ୭୨ ପ୍ରଜାତିର ରେକର୍ଡ ମୋଟ ୨,୭୨୭ ଜଳପକ୍ଷୀ ଥିବା ଜଣାପଡିଛି । ଗତ ବର୍ଷ ୫୫ ପ୍ରଜାତିର ୧,୬୦୨ ପକ୍ଷୀ ରେକର୍ଡ କରାଯାଇଥିଲା ବେଳେ ଚଳିତ ବର୍ଷ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ହୋଇଛି । ଏହି ଗଣନା ସମୟରେ ଟଫଟ୍ଟେଡ୍ ଡକ୍, ଷ୍ଟ୍ରାଇଟେଡ୍ ହେରନ୍, କମନ୍ ରେଡଶାଙ୍କ୍, କମନ୍ ଗ୍ରୀନଶାଙ୍କ୍, ଗ୍ରେ-ହେଡେଡ୍ ଲାପୱିଙ୍ଗ୍, ଗାଡୱାଲ୍, ସ୍ପଟ୍-ବିଲ୍ଡ ଡକ୍, ରେଡ-ରମ୍ପଡ୍ ସ୍ୱାଲୋ ଏବଂ ଅସ୍ପ୍ରେ ଭଳି ଅନେକ ପ୍ରଜାତି ରେକର୍ଡ କରାଯାଇଥିଲା କିନ୍ତୁ ପୂର୍ବ ବର୍ଷରେ ସେମାନଙ୍କୁ ଦେଖିବାକୁ ମିଳିନଥିଲା । ନନ୍ଦନକାନନ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ଆଖପାଖରେ ଥିବା ଆର୍ଦ୍ରଭୂମିରେ ମଧ୍ୟ-ଶୀତକାଳୀନ ଜଳପକ୍ଷୀ ଗଣନା କରାଯାଇଥିବା ବେଳେ ନଅଟି ସର୍ଭେ ଦଳ ଗଠନ କରାଯାଇଥିଲା । ◆◆ପୃଷ୍ଠା ୭

# ଜୋନାଲ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ ପୁରସ୍କାର ପାଇଲେ ଦିବ୍ୟା

ମାଲକାନଗିରି, ୧୯/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଆର୍.ଏସ୍.ସି. ୬ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଦିବ୍ୟା ଭାରତୀ ପାଙ୍ଗି ନାମକ ଆଦିବାସୀ ଛାତ୍ରୀ କୋଲକାତା ଠାରେ ଅନୁଷ୍ଠିତ ଜୋନାଲ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ ପୁରସ୍କାର ଏବଂ ସ୍ୱତନ୍ତ୍ର ନବସୃଜନ ପୁରସ୍କାର ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।
ତାଙ୍କର ମ୍ୟାଜିକ୍ ଷ୍ଟିକ୍ ପ୍ରକଳ୍ପକୁ ନେଇ ଜୋନାଲ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, କୋଲକାତାରେ ଭାଗନେଇ ଶ୍ରେଷ୍ଠ କିଶୋରୀ ବୈଜ୍ଞାନିକ ପୁରସ୍କାର ଏବଂ ସ୍ୱତନ୍ତ୍ର ନବସୃଜନ ପ୍ରକଳ୍ପ ପୁରସ୍କାର ଜିତିଛି। ଦିବ୍ୟାଭାରତୀ ଏହି ପ୍ରକଳ୍ପକୁ ପ୍ରଥମେ ସ୍କୁଲ ସ୍ତରୀୟ ବିଜ୍ଞାନ ମେଳାରେ ଭାଗନେଇ ପରେ ବ୍ଲକ ସ୍ତରରେ ଓ ପରେ ରାଜ୍ୟ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ କୃତକାର୍ଯ୍ୟ ହୋଇଥିଲେ। ପରେ ଜାନୁଆରୀ୧୩ରୁ ୧୬ ତାରିଖ ଇଷ୍ଟର୍ଣ୍ଣ ଇଣ୍ଡିଆ ସାଇନ୍ସ ଫେୟାର୍ ରେ ଭାଗ ନେଇଥିଲେ। ୪ ଦିନ ଧରି ଚାଲିଥିବା ଏହି ପ୍ରଦର୍ଶନୀରେ କୋଲକାତା, ବିହାର, ଝାଡଖଣ୍ଡ, ଓଡିଶା, ଆଣ୍ଡମାନ ଓ ନିକୋବରରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଏଥିରେ ଦିବ୍ୟା ତାଙ୍କର ପ୍ରକଳ୍ପ ଯାହାକି ଥିଲା କୃଷକ ମାନେ କୃଷିକ୍ଷେତ୍ରକୁ ଗଲେ ସାପ, ବିଷାକ୍ତ କୀଟପତଙ୍ଗର କାମୁଡ଼ିବାର ଭୟକୁ ଆଖିରେ ରଖି ଏକ ବାଡ଼ିକୁ ନେଇ କ୍ଷେତକୁ ଯାଇଥାନ୍ତି, ସେଇ ବାଡ଼ିକୁ କିଛି ଉନ୍ନତି ଜ୍ଞାନ କୌଶଳୀ ବ୍ୟବହାର କରି ଭାଇବ୍ରେସନ୍ ଦ୍ୱାରା ସରୀସୃପ ୫ ରୁ ୬ ମିଟର ଦୂରରୁ ସତର୍କ କରିବା ଠୁ ଆରମ୍ଭ କରି ଏଥିରେ ଆଲୋକର ସମସ୍ୟା ପାଇଁ ଟର୍ଚ୍ଚ ଲାଇଟ୍, ବିପଦଜନକ ପରିସ୍ଥିତିରେ ଏହା ସାଇରନ ସହିତ ନିଜର ଆତ୍ମୀୟ , ଆମ୍ବୁଲାନ୍ସ ଚାଳକଙ୍କ ପାଖକୁ ମେସେଜ ପଠାଇବ। କୃଷକର ସ୍ୱାସ୍ଥ୍ୟ ପାଇଁ ଔଷଧର ବ୍ୟବସ୍ଥା କରାଯାଇଥିବା ସ୍ଥଳେ, ଖାଲି ସମୟରେ କ୍ଷେତକୁ ଜଗିବା ପାଇଁ ପାଳଭୂତର ବ୍ୟବସ୍ଥା କରାଯାଇଛି । ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଛତାର ବ୍ୟବସ୍ଥା ଓ ମହିଳା କୃଷକ ମାନେ ତାଙ୍କର ଶିଶୁଙ୍କୁ ସ୍ତନ୍ୟପାନ କରେଇବାକୁ ଏକ ମାତୃତ୍ୱ ଗୃହର ବ୍ୟବସ୍ଥା କରାଯାଇଛି । ହଜିଗଲେ ଏହାକୁ ପାଇବାକୁ ଜି.ପି.ଏସ୍. ର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପ୍ରକଳ୍ପକୁ ପୂର୍ବରୁ ରାଜ୍ୟ ସ୍ତରୀୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରସଂଶା କରିଥିବା ବେଳେ, ଏବେ ଏହି ପ୍ରକଳ୍ପ ଜୋନାଲ ସ୍ତରରେ ମଧ୍ୟ ଚର୍ଚ୍ଚାର ବିଷୟ ହେଇଛି । ସୂଚନାଥାଉକି, ଗତବର୍ଷ ସେଇ ସ୍କୁଲରୁ ଆଉ ଜଣେ ଝିଅ ଲଳିତା ଖିଲ ନିଜର ନିରାପଦ ଡଙ୍ଗା ପ୍ରକଳ୍ପକୁ ଜାତୀୟ ସ୍ତରରେ ଚମକେଇ ଥିବା ବେଳେ ଏବେ ଏହି କୁନି ଝିଅ ଦିବ୍ୟା । ଏହି ସଫଳତା ପଛରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦେବବ୍ରତ ଦାସ ପଟ୍ଟନାୟକଙ୍କ ଭୂମିକା ରହିଛି ବୋଲି ଛାତ୍ରୀ କହିଛନ୍ତି। ଏହି ସଫଳତା ପାଇଁ ଦିବ୍ୟା ତାଙ୍କ ପ୍ରଧାନ ଶିକ୍ଷକ ଡମ୍ବରୁଧର ଗୋଲରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଓ ନିଜର ପିତା ମାତାଙ୍କ ସହ ସମସ୍ତ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସାଧବ ଉତ୍ସବ-୨୦୨୬ରେ ଯୁବ ଉଦ୍ଭାବକ ସମ୍ମାନିତ

ଧର୍ମଶାଳା, ୧୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଅଂଚଳର ଗର୍ବ ଓ ଗୌରବ ଯୁବ ଗବେଶକ ଡ. ସତ୍ୟପ୍ରକାଶ ମିଶ୍ରଙ୍କୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ଅବସରରେ ସମ୍ମାନୀତ କରାଯାଇଛି । ପୂର୍ବୋଦୟ ଦ୍ୱାରା ପୁରୀସ୍ଥିତ ସ୍ୱସ୍ତି ପ୍ରିମିୟମ୍ ହୋଟେଲରେ ଆୟୋଜିତ ସାଧବ ଉତ୍ସବ-୨୦୨୬ ଉଦଯାପନୀ ଉତ୍ସବରେ ଲଘୁ, ମଧ୍ୟମ ଏବଂ କ୍ଷୁଦ୍ର ଉଦ୍ୟମ ବିଭାଗ ସହ ମାଛ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଯୁବ ଗବେଷକ ଡଃ ସତ୍ୟପ୍ରକାଶ ମିଶ୍ରଙ୍କୁ "ଯୁବ ଉଦ୍ଭାବକ" ସମ୍ମାନରେ ସମ୍ମାନିତ କରଥିଲେ । ଡ଼ଃ ମିଶ୍ର ନିଟ ସିଚରରୁ ପିଏଚ୍ଡି କରିଥିବା ବେଳେ, ଗତ ଏକ ଦଶନ୍ଧି ଧରି ଭୂକମ୍ପ ତୀବ୍ରତା ଆକଳନ, ଭୂକମ୍ପ-ସହନଶୀଳ ଢଂଚା ନିର୍ମାଣ ଦିଗରେ ଗବେଷଣା କରି ଆସୁଛନ୍ତି । ସେ ଏହି ଦିଗରେ ୧୦ରୁ ଅଧିକ ଆନ୍ତର୍ଜାତୀୟ ଗବେଷଣା ଜର୍ନାଲ୍ ପ୍ରକାଶ କରିବା ସହ ଏକାଧିକ ପେଟେଂଟର ମଧ୍ୟ ଫାଇଲ କରିଛନ୍ତି । ଅଧୁନା ପ୍ରାଚୀନ ନିର୍ମାଣ ଓ ଐତିହ୍ୟ ସଂରଚନାର ସଂରଚନାତ୍ମକ ସ୍ୱାସ୍ଥ୍ୟ ନିରୀକ୍ଷଣ କ୍ଷେତ୍ରରେ ତାଙ୍କର ଗବେଷଣା ଜାରି ରହିଛି । ଏଥିସହ ସେ ମେସିନେକ୍ସ ଷ୍ଟ୍ରକ୍ଚରାଲ୍ ଲାବ୍ସ" ନାମକ ଏକ ଆଧୁନିକ ଷ୍ଟାର୍ଟଅପ୍ ସଂସ୍ଥା ସ୍ଥାପନ କରି କାମ କରୁଛନ୍ତି । ସମ୍ମାନ ଗ୍ରହଣ କରିବା ପରେ ଡଃ ମିଶ୍ର ପୂର୍ବୋଦୟ ଓଡ଼ିଶାର ସମ୍ପୂର୍ଣ୍ଣ ଟିମ୍ ତଥା ସଂଯୋଜକ ଓଁକାର ପରିଡା ଓ ଶୁଭମ ପୃଷ୍ଟିଙ୍କୁ କୃତଜ୍ଞତା ଜଣାଇବା ସହ ତାଙ୍କୁ ମିଳିଥିବା ଏହି ସମ୍ମାନ ଯୁବ ଉଦ୍ଭାବକମାନଙ୍କ ପାଇଁ ଏକ ପ୍ରେରଣା ବୋଲି କହିଛନ୍ତି । ସୂଚନାଯୋଗ୍ୟଯେ ଡ଼ଃ ମିଶ୍ରଙ୍କ ଘର ଧର୍ମଶାଳା ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମ ପଂଚାୟତର ପଲାର ଗ୍ରାମରେ ଅଟେ । ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅନେକ ଷ୍ଟାର୍ଟଅପ୍ ଉଦ୍ୟମୀ, ନିବେଶକ ଓ ଓଡ଼ିଶାର ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ନୂତନତ୍ୱ ଢାଂଚାରେ ନିର୍ମାଣ କରିବା, ତଥା 'ସମୃଦ୍ଧ ଓଡିଶା-୨୦୩୬' ଲକ୍ଷ ପୁରଣ ପାଇଁ ଯୁବପୀଢ଼ିଙ୍କୁ ପ୍ରେରିତ କରି ଓଡ଼ିଶାର ଅର୍ଥନୀତିକୁ ସୁଦୃଢ଼ କରିବା ଓ ୨୦୩୬ ସୁଦ୍ଧା ୧୦୦ ଟି ବଡ଼ ଷ୍ଟାର୍ଟଅପ୍ କମ୍ପାନୀ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି ।

## ଅବକାରୀ ମାମଲାରେ ଦୁଇ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୯/୧ (ନି.ପ୍ର): ବହୁ ଦିନ ଧରି ଫେରାର ରହିଥିବା ଦୁଇଜଣ ଅଭିଯୁକ୍ତଙ୍କୁ ଆଜି ଜୟପୁର ସଦର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ବାଲିଆ ଗ୍ରାମର ସନିଆ ଗାଦବା(୨୮) ଓ ନୂଆଗୁଡା ଗ୍ରାମର କୁମ ଭୁମିଆ(୪୧) ବୋଲି ଜଣାପଡିଛି। ସନିଆ ଗାଦବା ଗତ ୨୦୨୪ ମସିହାରେ ଚୋରା ମଦ କାରବାରରେ ଗୋଟିଏ ଅପରାଧିକ ମାମଲାରେ ସମ୍ପୃକ୍ତ ଥିବାବେଳେ କୁମ ଭୁମିଆ ମଧ୍ୟ ୨୦୨୪ ମସିହା ଚୋରା ମଦ କାରବାରରେ ସମ୍ପୃକ୍ତ ଥିଲେ। ଉଭୟେ ଗିରଫଦାରୀ ଏଡାଇବା ଲାଗି ସେହିଦିନଠାରୁ ଫେରାର ରହିଥିଲେ। ତେବେ ପୁଲିସ ସନ୍ଧାନ ଜାରି ରଖିଥିଲା ବେଳେ ଆଜି ଧରିବା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ସଦର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଭେଙ୍କଟେଶ୍ୱର ସ୍କୁଲରେ ବିଜ୍ଞାନ ମେଳା

ଧର୍ମଶାଳା, ୧୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଭେଙ୍କଟେଶ୍ୱର ସ୍କୁଲ ପରିସରରେ ଏକ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଣୟ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ହରିହର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଦର୍ଶିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡିକୁ ପ୍ରଶଂସା କରିଥିଲେ। ଏହି ବିଜ୍ଞାନ ମେଳାରେ ଦ୍ୱିତୀୟ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚାରିଗୋଟି ବିଭାଗରେ ୩୭ଗୋଟି ପ୍ରକଳ୍ପ ପଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ନିରୋଜ ମହାନ୍ତି, ପର୍ଶୁକାନ୍ତ ଜେନା, ସୁରେନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ଅୟୋଜିତ ପ୍ରକଳ୍ପ ପ୍ରଦର୍ଶନୀର ଉପକନିଷ୍ଠ ବିଭାଗରେ ଆଶୁତୋଷ ଜେନା ପ୍ରଥମ, ରୁଦ୍ରନାରାୟଣ ଜେନା ଦ୍ୱିତୀୟ, ବଦ୍ରିନାରାୟଣ ଜେନା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ ସତ୍ୟ ପ୍ରକାଶ ଧଳ ପ୍ରଥମ, ଧର୍ମେନ୍ଦ୍ର ବିଶ୍ୱାଳ ଦ୍ୱିତୀୟ ଓ ବିଭାସ ଶେଖର ଶତପଥୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ମୁଦ୍ରାମୋକ୍ଷ ମୁମ୍ବାଇର ଓଡ଼ିଶା ଭବନରେ ଓଡ଼ିଆ ସଂସ୍କୃତି, ସୃଜନଶୀଳତା ଏବଂ ସମ୍ପ୍ରଦାୟକୁ ପାଳନ କରୁଛି

ମୁମ୍ବାଇ , ୧୯/୧ (ନି.ପ୍ର): ଖ୍ୱାହିଶ - ଦି ୱିଶ୍ ଦ୍ୱାରା ପରିବେଷିତ ଏକ ଦିନିକିଆ ସାଂସ୍କୃତିକ ସଙ୍ଗମ, ଜାନୁଆରୀ ୧୮, ୨୦୨୬ରେ ସ୍ୱାଭିମାନୀ ଓଡ଼ିଆ ମହିଳା ବିଶ୍ୱ ଏବଂ କାଞ୍ଚନହାଡି ସହଯୋଗରେ ଓଡ଼ିଶା ଭବନରେ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। କାରଣ, ତାଳ ଏବଂ ଆତ୍ମା ସହିତ ଏହାର ସୃଜନଶୀଳତାର ଭାବନା ପ୍ରତି ସତ୍ୟ ରହିବା ସହିତ, ଏହି କାର୍ଯ୍ୟକ୍ରମ ମୁମ୍ବାଇର ହୃଦୟରେ ଓଡ଼ିଆ ସଂସ୍କୃତିର ଏକ ହୃଦୟସ୍ପର୍ଶୀ ଉତ୍ସବ ଭାବରେ ଉଭା ହୋଇଥିଲା। ଶ୍ରୀ ଜଗନ୍ନାଥ ଏବଂ ଶ୍ରୀ ଗଣେଶଙ୍କ ସମ୍ମୁଖରେ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଏହି କାର୍ଯ୍ୟକ୍ରମ ଏକ ଶୁଭ ଦୃଷ୍ଟିରେ ଆରମ୍ଭ ହୋଇଥିଲା, ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ମିଳିତ ଭାବରେ ଯୋଗ ଦେଇଥିଲେ, ଯାହା ଦିନ ପାଇଁ ଏକ ଆଧ୍ୟାତ୍ମିକ ଉତ୍ଥାନ ଏବଂ ଅନ୍ତର୍ଭୁକ୍ତିକ ଆରମ୍ଭ କରିଥିଲା। ସାରା ଦିନ, କ୍ଷୁଦ୍ର ବ୍ୟବସାୟ ମାଲିକ ଏବଂ ଘରୋଇ ବ୍ରାଣ୍ଡଗୁଡ଼ିକ ସ୍ୱତନ୍ତ୍ର ଷ୍ଟଲଗୁଡ଼ିକୁ ପ୍ରସ୍ତୁତ



କରିଥିଲେ, ଯାହା ଉତ୍ସାହଜନକ ପାଦଦର୍ଶନ ଏବଂ ଅଂଶଗ୍ରହଣକୁ ଦେଖିଥିଲା - ସ୍ଥାନୀୟ ଉଦ୍ୟୋଗୀତା ଏବଂ କାରିଗରୀଙ୍କ ପାଇଁ ଦୃଢ଼ ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ସମର୍ଥନକୁ ପ୍ରତିଫଳିତ କରୁଥିଲା। ମୁଦ୍ରାମୋକ୍ଷ ଏକ ସୁନ୍ଦର ନୃତ୍ୟ ପ୍ରଦର୍ଶନ ସହିତ ଆରମ୍ଭ ହୋଇଥିଲା, ତା'ପରେ ବହୁ ପ୍ରଶଂସିତ "ବିଟ୍ ଅର୍ ଭବ" ନୃତ୍ୟ ପ୍ରତିଯୋଗିତା ହୋଇଥିଲା, ଯେଉଁଥିରେ ଶାସ୍ତ୍ରୀୟ, ଅର୍ଦ୍ଧ-ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ଫର୍ମରେ ଉଜ୍ଜ୍ୱଳ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସାଂସ୍କୃତିକ ପ୍ରବାହ ଏକ ଆକର୍ଷଣୀୟ ଖୋଲା-ମାଇକ୍ ସେଗମେଣ୍ଟ ସହିତ ଜାରି ରହିଥିଲା, ଯେଉଁଠାରେ କବିତା ପାଠ, ପୁସ୍ତକ ଉନ୍ମୋଚନ, ପୁସ୍ତକ ପ୍ରଦର୍ଶନ ଏବଂ ସାହିତ୍ୟିକ ଆଦାନପ୍ରଦାନ ମାଧ୍ୟମରେ ସୃଜନଶୀଳ ଉତ୍ସାହ ପ୍ରକାଶ ପାଇଥିଲା। ଗୋକୁଳେଶ୍ୱର ଦାସ ପ୍ରଭୁଜୀଙ୍କ ନେତୃତ୍ୱରେ ଇସ୍କନ୍ କୀର୍ତ୍ତନ ଏକ ଗଭୀର ଦିବ୍ୟ ଆକର୍ଷଣ ଥିଲା, ଯାହାଙ୍କ ଭକ୍ତି ସଙ୍ଗୀତ ଏବଂ ଶିକ୍ଷା ଏକ ଶାନ୍ତ ପରିବେଶ ସୃଷ୍ଟି କରିଥିଲା ଏବଂ ଦର୍ଶକଙ୍କ ଉପରେ ଏକ ସ୍ଥାୟୀ ସକାରାତ୍ମକ ପ୍ରଭାବ ପକାଇଥିଲା। ଏହି ଅବସରରେ ସମ୍ମାନିତ ବ୍ୟକ୍ତିବିଶେଷ ସନ୍ତୋଷ ମହାନ୍ତି, ଭାବନା ପାଣି, ଶମ୍ଭୁଭୂଷଣ ମିଶ୍ର, ପରମିତା ମୁଖାର୍ଜୀ ମୁଲ୍ଲିକ ଏବଂ ଆନନ୍ଦ କୃଷ୍ଣନ ଯୋଗ ଦେଇଥିଲେ, ଯାହାଙ୍କ ଉପସ୍ଥିତି ଉତ୍ସବକୁ ମର୍ଯ୍ୟାଦା, ଉତ୍ସାହ ଏବଂ ପ୍ରେରଣା ପ୍ରଦାନ କରିଥିଲା। ପ୍ରତିଷ୍ଠାତା ଲୋପାମୁଦ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ, ମୁଦ୍ରାମୋକ୍ଷକୁ ଏକ ଅର୍ଥପୂର୍ଣ୍ଣ ସଫଳତା ଦେବା ପାଇଁ ସହଯୋଗୀ, କଳାକାର, ଅଂଶଗ୍ରହଣକାରୀ, ସ୍ୱେଚ୍ଛାସେବକ ଏବଂ ଉପସ୍ଥିତ ଲୋକଙ୍କୁ ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟିମ୍ ଖ୍ୱାହିସ୍ - ଦି ୱିଶ୍ ଦ୍ୱାରା ସହଭାଗୀ କରାଯାଇଥିଲା, ଯେଉଁଥିରେ ଶ୍ରୁତି ମିଶ୍ର, ଶୁଭଶ୍ରୀ ସାହୁ ଏବଂ ଶ୍ଳୋକା ସଂସ୍କୃତି ମିଶ୍ର ସାମିଲ ଥିଲେ, ଯାହାଙ୍କ ସମର୍ପଣ ଏବଂ ସମନ୍ୱୟ ସାରା ଦିନ ସୁଗମ ସମ୍ପାଦନକୁ ନିଶ୍ଚିତ କରିଥିଲା। ଆର୍ଏସ୍ଟି ଡ୍ୟାନ୍ସ ସ୍କୁଲର ଉତ୍ସାହୀ ପ୍ରଦର୍ଶନ ସହିତ ସାଂସ୍କୃତିକ ବିଭାଗଗୁଡ଼ିକୁ ଆହୁରି ସମୃଦ୍ଧ କରାଯାଇଥିଲା, ମନମୋହକ ସମ୍ବଲପୁରୀ ଲୋକ ପ୍ରଦର୍ଶନ ଏବଂ ଆକର୍ଷଣୀୟ ନୃତ୍ୟ ମୁକାବିଲା ସହିତ। ଉତ୍ସବ ଏକ ଆତ୍ମାପୂର୍ଣ୍ଣ ସଙ୍ଗୀତ ପରିବେଷଣ ସହିତ ଶେଷ ହୋଇଥିଲା, ଯାହା ଏକ ଦୀର୍ଘ କିନ୍ତୁ ପରିପୂର୍ଣ୍ଣ ସାଂସ୍କୃତିକ ଯାତ୍ରାକୁ ଏକ ସୁନ୍ଦର ଶେଷକୁ ନେଇ ଆସିଥିଲା। ମୁଦ୍ରାମୋକ୍ଷ ମୁମ୍ବାଇରେ ଓଡ଼ିଆ ସଂସ୍କୃତି, ଭକ୍ତି, ସାହିତ୍ୟ ଏବଂ କଳାତ୍ମକ ଏକତାର ଏକ ସ୍ପନ୍ଦନଶୀଳ, ଦିନବ୍ୟାପୀ ଉତ୍ସବ ଭାବରେ ଠିଆ ହୋଇଥିଲା, ଯାହା ତାଳ, ଆତ୍ମା ଏବଂ ଏକତାରେ ମୂଳ ସ୍ମୃତି ଛାଡି ଯାଇଥିଲା।

# କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ଜୟପୁର, ୧୮ ଜାନୁଆରୀ (ହି.ସ.)- ଜୟପୁରର ଦଶହରା ପଡ଼ିଆ ରେ ଉପଖଣ୍ଡ ସ୍ତରୀୟ କୃଷି ଯାନ୍ତ୍ରପାତି ମେଳା ଆଜି ଉଦଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ, ନବରଙ୍ଗପୁର ଜି ଭି ରେଡ୍ଡୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କୋରାପୁଟ ସନ୍ତୋଷ କୁମାର ଦଳ ବେହେରା, କୃଷି ଜିଲ୍ଲା ଅଧିକାରୀ, ଜୟପୁର ଲାଲାଟେନ୍ଦୁ ମହାପାତ୍ର, ଓଆଇସି, ଏଚଆରଆରଏସ ଜୟପୁର ମିହିର ରଞ୍ଜନ ମହାନ୍ତି ଏବଂ କାହ୍ନୁ ଚରଣ ଦାସ ସହକାରୀ କୃଷି ନିର୍ଦ୍ଦେଶକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଜୟପୁର, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ କୃଷି ଏବଂ ଆନୁସଙ୍ଗିକ ବିଭାଗରୁ ୫ ଜଣ ପ୍ରଗତିଶୀଳ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୟପୁର ଉପଖଣ୍ଡର ୪ଟି ବ୍ଲକରୁ ୧୦୦ ଜଣରୁ ଉର୍ଦ୍ଧ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ୨୦ଟି ଷ୍ଟଲ କରାଯାଇଥିଲା, ସେଥିମଧ୍ୟରୁ ୧୩ଟି ଷ୍ଟଲରେ ଆଧୁନିକ କୃଷି ଯାନ୍ତ୍ରିକୀକରଣ ପ୍ରଦର୍ଶିତ ହେଉଥିଲା ଏବଂ ବିଭିନ୍ନ ବିଭାଗ ଯେପରିକି ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ, ମତ୍ସ୍ୟପାଳନ ଏବଂ ଇଫକୋ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ, ପ୍ରଶିକ୍ଷଣ ମାଧ୍ୟମ ରେ ଚାଷୀ ମାନଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା । ପରି ଶେଷରେ ନିର୍ବାହୀ ଯନ୍ତ୍ର( କୃଷି), କୋରାପୁଟ ସତ୍ୟ ନାରାୟଣ ଦାସ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ବର୍ତମାନ ସୁଦ୍ଧା କୋରାପୁଟ ଜିଲ୍ଲାରେ ଆର୍ଥିକ ବର୍ଷ ୨୦୨୫-୨୬ ରେ ୪୨ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି ହୋଇସାରିଛି ଓ ସେଥିପାଇଁ ୧୦ କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଥିବା ବେଳେ ବିଗତ ୩ ଦିବସରେ ମେଳା ସମୟରେ ୧୪୫ ଜଣ ଚାଷୀଙ୍କୁ ୪ .୪୭ କୋଟି ଟଙ୍କାର ଯନ୍ତ୍ରପାତି ବିକ୍ରି କରାଯାଇଅଛି ଓ ୧.୩୧ କୋଟିର ରିହାତି ପ୍ରଦାନ କରାଯାଇଅଛି। ଏହା ସହିତ ଆଗାମୀ ଦୁଇ ମାସ ମଧ୍ୟରେ ୫୦ ଲକ୍ଷ ଟଙ୍କାର କୃଷି ଯନ୍ତ୍ରପାତି ବିକ୍ରି କରିବାର ଲକ୍ଷ୍ୟ ରଖାଯାଇଛି।

## ଟ୍ରେନ୍ ଅଟକିବା ଘଟଣାରେ ରେଳ ବିଭାଗ ଦେଲା ସ୍ପଷ୍ଟୀକରଣ

ଭୁବନେଶ୍ୱର, ୧୯/୧ (ନି.ପ୍ର): ଟ୍ରେନ୍ ଅଟକିବା ଘଟଣାରେ ରେଳ ବିଭାଗ ଦେଲା ସ୍ପଷ୍ଟୀକରଣ ଓ ଭୁବନେଶ୍ୱରରେ ଟ୍ରେନ୍ ନମ୍ବର ୦୨୬୦୩ ଅମୃତ ଭାରତ ଏକ୍ସପ୍ରେସର ଅଟକିବା ଘଟଣା ଉପରେ ରେଳ ବିଭାଗ ରଖିଲା ସ୍ପଷ୍ଟିକରଣ ଓ ସକାଳ ୦୯:୪୯ ସମୟରେ, ଟ୍ରେନ୍ ନମ୍ବର ୦୨୬୦୩ ରଙ୍ଗପାଣି-ନଗରକୋଇଲ୍ ଅମୃତ ଭାରତ ଏକ୍ସପ୍ରେସ ଭୁବନେଶ୍ୱର ଷ୍ଟେସନରେ ପ୍ରବେଶ କରୁଥିବା ସମୟରେ, ଭୁବନେଶ୍ୱରର ଲକ୍ଷ୍ମୀସାଗର ନିବାସୀ ପି. ଅପନ୍ନା ରାଓ ନାମକ ଜଣେ ବ୍ୟକ୍ତି ହଠାତ୍ ଆତ୍ମହତ୍ୟା ଉଦ୍ୟମ କରି ଚଳନ୍ତା ଟ୍ରେନ୍ ସାମ୍ନାକୁ ଆସିଗଲେ , ଯାହାକୁ ଦେଖି ଲୋକ ପାଇଲଟ୍ ସତର୍କତା ପ୍ରଦର୍ଶନ କରି, ତୁରନ୍ତ ଜରୁରୀକାଳୀନ ବ୍ରେକ୍ ଲଗାଇ ଟ୍ରେନ୍‌କୁ ସମ୍ପୂର୍ଣ୍ଣ ଅଟକାଇ ଦେଲେ। ରେଲୱେ ସୁରକ୍ଷା ବଳ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଂଚି ବ୍ୟକ୍ତିଙ୍କୁ ହେପାଜତକୁ ନେଇ ଥିଲେ ଓ ବ୍ୟକ୍ତି ଜଣକ ପ୍ରଚୁର ମଦ୍ୟପାନ କରିଥିବା ଜଣାପଡ଼ିଥିଲା ବେଳେ ତାକୁ ଅଟକ ରଖାଯାଇଛି ପଚରା ଉଚରା କରୁଛି ଆରପିଏଫ ଓ ସେପଟେ ଟ୍ରେନଟି ମାତ୍ର ୬ ମିନିଟ୍ ପାଇଁ (୦୯:୩୯ ଘଂଟା ରୁ ୦୯:୪୫ ଘଂଟା) ଅଟକିଯାଇଥିଲା ।

# ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ତ୍ରୟୋ ବାର୍ଷିକ ସମ୍ମିଳନୀ ଅକ୍ଷୟ ଭୋଇ ସଭାପତି, ଜୟଦେବ ମିଞ୍ଜ ସାଧାରଣ ସମ୍ପାଦକ

ସମ୍ବଲପୁର, ୧୯/୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ରବିବାର ଦିନ ଦୁର୍ଗାପାଲି ସଂଘ କାର୍ଯ୍ୟାଳୟ ଠାରେ ତ୍ରୟୋ ବାର୍ଷିକ ସାଧାରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ନକଲି ଆଦିବାସୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଥିଲା । ଏହାସହ ଆଦିବାସୀ ମାନଙ୍କ ଶିକ୍ଷା ସ୍ୱାସ୍ଥ୍ୟ ଏବଂ ଅଧିକାରର ସୁରକ୍ଷା ନେଇ ଆଲୋଚନା କରାଯାଇଥିଲା । ବିଶେଷକରି ଆଦିବାସୀ ମାନଙ୍କ ଜମିକୁ ଜମି ମାଫିଆ ମାନେ ବିଭିନ୍ନ ବ୍ୟବସ୍ଥାରେ ହଡପ କରି ନେଉଥିବା ବେଳେ ସଂଘ ସେମାନଙ୍କର ସୁରକ୍ଷା ପାଇଁ ତତ୍ପର କରିବାକୁ ଆହ୍ୱାନ କରାଯାଇଥିଲା । ବୈଠକରେ ସମ୍ବଲପୁର ଜିଲାର ୯ ଟି ବ୍ଲକର ପ୍ରତିନିଧି ମାନେ ସାମିଲ ହୋଇଥିଲେ । ସଂଘ ଗଠନ ପଛରେ ରହିଥିବା ୨୦ ଟି ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ପ୍ରଥମ ଅଧିବେଶନ ତରଣୀ ଖଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବା ପରେ ତାପସ ଭୋଇଙ୍କ ଅଧକ୍ଷତାରେ ଧରିତ୍ରୀ ଭୋଇ ଏବଂ ରମାକାନ୍ତ ଖଡିଆ କମିଟି ଆଗାମୀ ୩ ବର୍ଷ ପାଇଁ ନୂତନ କମିଟୀ ନିର୍ବାଚନ କରିଥିଲେ । ଏଥିରେ ସର୍ବ ସମ୍ମତି କ୍ରମେ ସଭାପତି ଭାବେ ଅକ୍ଷୟ କୁମାର ଭୋଇ, ସାଧାରଣ ସମ୍ପାଦକ ଭାବେ ଜୟଦେବ ମିଞ୍ଜ, ଯୁଗ୍ମ ସମ୍ପାଦକ ଭାବେ ଯୁବରାଜ ଭୋଇ, ଉପ ସଭାପତି ଭାବେ ରୋହିତ ଭୋଇ , ରାଜେଶ ଓରାମ ଏବଂ ଜୋନ କାମେଲ ଲାକରାଙ୍କୁ ନିର୍ବାଚତ କରାଯାଇଥିଲା । ସେହିପରି ସଙ୍ଗଠନ ସମ୍ପାଦକ ଭାବେ ବସନ୍ତ କୋକବାକ, କାର୍ଯ୍ୟକାରୀ ସଭାପତି ଭାବେ ଉସମାନ ମୁଣ୍ଡା, ସହ ସଂପାଦକ ଭାବେ ବିଳାସିନୀ ମୁଣ୍ଡା, କାର୍ତ୍ତିକ ମୁଣ୍ଡା, ସୁରେଶ ଦେହେରୀ, କୋଷାଧକ୍ଷ ଭାବେ ତରଣୀ ଖଡିଆଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସେହିପରି ସଂଘର ମହିଳା ସଭାନେତ୍ରୀ ଭାବେ ରାକ୍ଷୀ ମୁଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ସଂଘର ଉପଦେଷ୍ଟା ଭାବେ ରାଜୁ ଖଡିଆ, ଭୀମସେନ ଆଇନ୍ଦ, ସୁବାସ ମିର୍ଦ୍ଧା, ଯୁଧୀଷ୍ଠିର ମାଝୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହାପରେ ଅକ୍ଷୟ କୁମାର ଭୋଇ ଙ୍କ ସଭାପତିତ୍ୱରେ ନୂତନ କମିଟୀ ଦାୟିତ୍ୱ ଗ୍ରହଣ କରିଥିଲା ।

# ପତୋରାରେ ଏକକ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ନେଇ ସଫେଇ କାର୍ଯ୍ୟ ସହ ବାଲ୍ୟବିବାହ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା, ୧୯/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ୍, ଜିଲ୍ଲା ପ୍ରଶାସନ ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ପରିବେଶ ସୁରକ୍ଷା ଓ ଆଇନ ସଚେତନତା ପାଇଁ ଓ ଏକକ-ବ୍ୟବହାର ପ୍ଲାଷ୍ଟିକମୁକ୍ତ ଜିଲ୍ଲା ଗଠନ ନେଇ ସଫେଇ କାର୍ଯ୍ୟ ସହ ବାଲ୍ୟବିବାହମୁକ୍ତ ଭାରତ ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ ଆଜି ନୂଆପଡ଼ା ସ୍ଥିତ ପତୋରା ଡ୍ୟାମ ପର୍ଯ୍ୟଟନ ଓ ବଣଭୋଜି ସ୍ଥଳିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର କାର୍ଯ୍ୟକର୍ତା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାର ମିତ୍ରଗଣ, ବନ ବିଭାଗ, ଖରିଆର ମହାବିଦ୍ୟାଳୟ ଓ ନ୍ୟାସନାଲ ହାଇସ୍କୁଲର ଏନ୍.ସି.ସି. ଛାତ୍ରଛାତ୍ରୀ, ନ୍ୟାସନାଲ କଲେଜର ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ। ପର୍ଯ୍ୟଟନସ୍ଥଳୀରେ ପଡ଼ିଥିବା ଅଳିଆ ଆବର୍ଜନାକୁ ଏକାଠି କରି ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନରେ ସହାୟକ ହେବା ସହିତ ଭାରତକୁ ବାଲ୍ୟବିବାହମୁକ୍ତ କରିବାକୁ ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ପ୍ରାଧିକରଣ ସଚିବ ନବନୀତା ଦାଶ ଆହ୍ୱାନ ଦେଇଥିଲେ।
ସଭାରେ ଡି.ଏଫ୍.ଓ. ଖଡ଼ିଆଳ ଅଜିଜ୍ ଖାନ, ଏ.ସି.ଏଫ ମହମ୍ମଦ ସାଲେହା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ, ବଲାଙ୍ଗିର ବବିତା ସିଂ ଓ ସହକାରୀ ପରିବେଶ ବୈଜ୍ଞାନିକ ସ୍ୱାଗତ ଆନନ୍ଦ ପଟେଲ, ପ୍ରାଧିକରଣର ଉପ-ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ଅନୁପ ଶର୍ମା, ସହକାରୀ ଆଇନ ସେବା ପ୍ରତିପକ୍ଷ ଓକିଲ କାର୍ତିକ ରାମ ବାଗ, ଖୁଟବନଭେରା ଗ୍ରାମ ପଂଚାୟତର ସରପଂଚ କଳ୍ପନା କୁଲଦୀପ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିଶ୍ୟାମ ପ୍ରଧାନ, ନୂଆପଡା ବନପାଳ ଲକ୍ଷ୍ମୀଧର ଘିଭେଲା, ଧରମବନ୍ଧା ଅଞ୍ଜନ କୁମାର ସାହୁ ଓ ପ୍ରାଧିକରଣର ଅଧିକାରମିତ୍ରଗଣ ତ୍ରିବେଣୀ ଉଜିର, ବିମଳା ସାହୁ, ମାନସୀ ରଣା, ନିକି ରଣା, ଚିତେଶ୍ୱରୀ ଜଗତ, ରୁକିଆ ବାନୋ, ସାବିତ୍ରୀ ସାହୁ, ନୃପତି ଶବର, ଚନ୍ଦ୍ରିକା ମାଝୀ, ଭୁବନେଶ୍ୱରୀ ସାହୁ, ଉର୍ମିଳା ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସଭା ପୂର୍ବରୁ ପ୍ରାୟ ୪୦୦ କିଲୋ ପ୍ଲାଷ୍ଟିକ୍ ଆବର୍ଜନା ଉକ୍ତ ପର୍ଯ୍ୟଟନସ୍ଥଳୀରୁ ଉଠା ହୋଇଥିଲା ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ସମ୍ମାନିତ ହେଲେ ମୂକ ଓ ବଧିର କୃଷକ, ଦୁଇଭଉଣୀ ରୁକ୍ମଣୀ ଓ ଭଗବତୀ

ନୂଆପଡ଼ା, ୧୯/୧ (ନି.ପ୍ର): ନୂଆପଡା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ସଫଳ ଚାଷୀ ସମ୍ମାନରେ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆଜି ସମ୍ମାନିତ କରାଯାଇଥାଏ। ଏହି କୃଷି ଯନ୍ତ୍ରପାତି ମେଳାର ଆଜିର ଦିବସରେ ଦେଖିବାକୁ ମିଳିଥିଲା ଏକ ନିଆରା ପ୍ରତିଭା ସମ୍ମାନ ଉତ୍ସବ। ଏଠାରେ ନୂଆପଡା ବ୍ଲକ ସାହିପଳା ଗ୍ରାମର ସମ୍ପୂର୍ଣ୍ଣ ଭାବରେ ମୂକ ଓ ବଧିର ଦୁଇ ଭଉଣୀ ରୁକ୍ମଣୀ ପଟେଲ ଓ ଭଗବତୀ ପଟେଲଙ୍କୁ ଅତିଥି ମାନେ ସଫଳ ଚାଷୀ ହିସାବ ସମ୍ମାନିତ କରିଥିଲେ। ସାହିପଳା ଗ୍ରାମର ବେଣୁଧର ପଟେଲ ଓ ପ୍ରତିମା ପଟେଲଙ୍କ ଦୁଇଝିଅ ରୁକ୍ମଣୀ ଓ ଭଗବତୀ ଜନ୍ମରୁ ମୂକ ଓ ବଧିର କ୍ଷ ଯେତେବେଳେ ବେଣୁଧର ଏହା ଜାଣି ପାରିଲେ, ସେ ଭଗବାନଙ୍କୁ ଗାଳି କରିବା ସହିତ ନିଜକୁ ହତଭାଗା ମନେ କରିଥିଲେ। କିନ୍ତୁ ଆଜି ସେହି ଦୁଇ ଭଉଣୀ ତାଙ୍କର ତିନି ଏକର ଜମିରେ ସଫଳତାର ସହିତ ମାଣ୍ଡିଆ, କପା, ମିଠା ମକା, ପନିପରିବା ଚାଷ କରିବା ସହିତ ଅନ୍ୟମାନଙ୍କ ଜମିକୁ ମଧ୍ୟ ଲିଜ ସୂତ୍ରରେ ନେଇ ବିଭିନ୍ନ ଚାଷ କରୁଛନ୍ତି। ସେମାନେ ନିଜେ ପାୱାର ଟିଲର, ପାୱାର ୱିଡର ଚଳେଇବା ସହିତ ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର କରି, ବିନା ଶ୍ରମିକ ସହାୟତାରେ ନିଜର ସବୁକାମ କରି ପାରୁଛନ୍ତି। ଚାଷ ସହିତ ଗୋପାଳନ, ଛେଳି ପାଳନ, ବଛତୁ ଚାଷକୁ ଆପଣେଇ ନେଇ ବର୍ଷକୁ ପାଂଚ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କରିବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ପାରିଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ରୁକ୍ମଣୀ ଓ ଭଗବତୀଙ୍କୁ ନୂଆପଡା ଜିଲ୍ଲାର ସମସ୍ତ ଚାଷୀ ମାନଙ୍କ ପାଇଁ ପ୍ରେରଣା ବୋଲି ସମାରୋହରେ ଉଦ୍ବୋଧନ ଦେବା ସହିତ କୃଷି ବିଭାଗ ତରଫରୁ ସମ୍ମାନିତ କରିଥିଲେ। ତତ ସଙ୍ଗେ ସଙ୍ଗେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ପ୍ରେରଣାରେ କୃଷକ ଶ୍ରମିକ ମାନେ ଦାଦନ ଖଟିବାକୁ ନ ଯାଇ କୃଷି ତଥା ଆନୁଷଙ୍ଗିକ କୃଷି ଭିତିକ ଉଦ୍ୟୋଗ କରି ଏହି ମାଟିରେ ରୋଜଗାର ପନ୍ଥା କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଆଜି କୃଷି ବିଭାଗ ତରଫରୁ ମୂକ ଓ ବଧିର ଚାଷୀ ଭଉଣୀମାନଙ୍କୁ ସମ୍ମାନିତ କରାଯିବା ବିଷୟ ନୂଆପଡା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହେବା ସହିତ ସବୁ ମହଲରେ ପ୍ରଶଂସା ଲାଭ କରିଛି।

# ଚମ୍ପୁଆ ମା 'ତାରିଣୀ ହସ୍ପିଟାଲରେ ଇଏସଆଇ ସେବା ଯୋଜନା ଶୁଭାରମ୍ଭ

ଚମ୍ପୁଆ, ୧୯/୧ (ନି.ପ୍ର): ଚମ୍ପୁଆ ସ୍ଥିତ ମା 'ତାରିଣୀ ପ୍ରାଇଭେଟ ହସ୍ପିଟାଲ ରେ ଇଏସଆଇ (ଏମ୍ପ୍ଲୟିଜ୍ ଷ୍ଟେଟ ଇନ୍ସୁରାନ୍ସ) କାର୍ଡ ରେ ହିତାଧିକାରୀ ମାନଙ୍କୁ ମାଗଣା ସେବା ପ୍ରଦାନ ନିମିତ୍ତ ସ୍ୱାସ୍ଥ୍ୟ ସେବା ଯୋଜନା ର ଶୁଭାରମ୍ଭ ହୋଇଯାଇଛି । ମା'ତାରିଣୀ ହସ୍ପିଟାଲ୍ ର ପରିଚାଳନା ନିର୍ଦ୍ଦେଶକ ଡ଼କ୍ଟର ଗଣେଶ୍ୱର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟ ଅତିଥି ଭାବେ ଇଏସଆଇ ର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସୁରେନ୍ଦ୍ର ନାଥ ନାୟକ, ସମ୍ମାନୀତ ଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇ ଫିତା କାଟି ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଅନୁବନ୍ଧିତ ମା ତାରିଣୀ ହସ୍ପିଟାଲରେ ମେଡ଼ିସିନ ଓ ସ୍ତ୍ରୀ ଓ ପ୍ରସୂତି ରୋଗ, ସର୍ଜରୀ ଓ ଚକ୍ଷୁ ବିଭାଗ ଆଦି ବିଭାଗ ରେ ଚିକିତ୍ସା ସେବା ରାଜ୍ୟ କର୍ମଚାରୀ ବୀମା ଯୋଜନାରେ ପାଇ ପାରିବେ ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହ ଇଏସଆଇ ର ସୁଯୋଗ ନେବାକୁ ଅବଗତ କରିଥିଲେ । ଡ଼କ୍ଟର ଗଣେଶ୍ୱର ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜିଲ୍ଲାର ଏକମାତ୍ର ବେସରକାରୀ ହସ୍ପିଟାଲ ଭାବେ ମା' ତାରିଣୀ ହସ୍ପିଟାଲ ଇଏସଆଇ ରେ ସେବା ପ୍ରଦାନ ପାଇଁ ସରକାରୀ ଅନୁମତି ପାଇଥିବା ନେଇ ଅବଗତ କରିଥିଲେ । ନିର୍ଦ୍ଦେଶିକା ସୁଚିସ୍ମିତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଲୁମିନିୟମ ଫଏଲ ବ୍ୟବହାର କରୁଛନ୍ତି କି ? ଏବେଠାରୁ ସତର୍କ ହୋଇଯାଆନ୍ତୁ...



**ଆଲୁମିନିୟମ୍ ଫଏଲ୍‌ରେ ଖାଦ୍ୟ ଗୁଡ଼ାଉଛନ୍ତି କି ? ଅଧିକାଂଶ ଘରେ ବଳକା ରୋଟି ଗୁଡ଼ାଇବା, ପନିପରିବା ଘୋଡ଼ାଇ ରଖିବା କିମ୍ବା ମଧ୍ୟାହ୍ନ ଭୋଜନ ବାକ୍ସ ପ୍ୟାକ୍ କରିବା ପାଇଁ ଆଲୁମିନିୟମ୍ ଫଏଲ୍ ବ୍ୟବହାର କରିବା ସାଧାରଣ କଥା। ବିଶ୍ୱାସ ଯେ ଏଥିରେ ଖାଦ୍ୟ ଗୁଡ଼ାଇ ରଖିଲେ ଗରମ ସହିତ ଖାଦ୍ୟ ନଷ୍ଟ ହୁଏ ନାହିଁ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏହି ଅଭ୍ୟାସ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ସୁରକ୍ଷିତ ଆସନ୍ତୁ ଏହି ବିଷୟରେ ଜାଣିବା।**

### ଏହା କ'ଣ କ୍ଷତି କରେ ?:

ଡିସେମ୍ବର ୨୦୨୪ରେ "ଫୁଡ୍ ବାୟୋସାଇନ୍ସ" ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ଯେତେବେଳେ ମାଛକୁ ଆଲୁମିନିୟମ ଫଏଲରେ ଉଚ୍ଚ ତାପମାତ୍ରାରେ ଭାଜି ଦିଆଯାଏ ସେତେବେଳେ ଫଏଲର ଧାତୁ ମାଛ ଭିତରକୁ ଚାଲିଯାଏ। ଗବେଷକମାନେ ଜାଣିପାରିଲେ ଯେ ଯେତେ ଅଧିକ ଫଏଲ ବ୍ୟବହାର କରାଯାଏ ଖାଦ୍ୟରେ ସେତେ ଅଧିକ ଧାତୁ ଶୋଷିତ ହୁଏ। ଅନ୍ୟ ଏକ ଅଧ୍ୟୟନରେ ବେକିଂ ସମୟରେ ଆଲୁମିନିୟମ୍ ଫଏଲ୍ ଖାଦ୍ୟକୁ କିପରି ପ୍ରଭାବିତ କରେ ତାହା ଦେଖାଯାଇଥିଲା। ଏଥିରେ ଦେଖାଯାଇଥିଲା ଯେ ସାଲମନ, ମ୍ୟାକେରେଲ୍, ଚିକେନ୍, ପୋର୍କ, ଟମାଟୋ ଏବଂ ପନିର ଭଳି ଅନେକ ଖାଦ୍ୟ ସାମଗ୍ରୀରେ ଆଲୁମିନିୟମ୍ ପରିମାଣ ୪୦ ଗୁଣ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

### ବିଶେଷଜ୍ଞମାନଙ୍କ ମତ:

ଏହି ପରିପ୍ରେକ୍ଷୀରେ ଡାକ୍ତରମାନେ କୁହନ୍ତି ଯେ ଆଲୁମିନିୟମ୍ ଫଏଲ୍ ଏବଂ ପାତ୍ରର ଅନୁପଯୁକ୍ତ ବ୍ୟବହାର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଆଲୁମିନିୟମ୍ ଟମାଟୋ, ଲେମ୍ବୁ, ଭିନେଗାର, ଆଚାର ଏବଂ ତରକାରୀ ଯଥା ଖଟା, ଲୁଣିଆ ଏବଂ ମସଲାଯୁକ୍ତ ଖାଦ୍ୟ ସହିତ ବିଶେଷ ଭାବରେ ତୀବ୍ର ପ୍ରତିକ୍ରିୟା କରେ। ଯେତେବେଳେ ଏପରି ଖାଦ୍ୟ ଫଏଲ୍ କିମ୍ବା ଆଲୁମିନିୟମ୍ ପାତ୍ରରେ ରନ୍ଧାଯାଏ, ସେତେବେଳେ ଧାତୁ ଖାଦ୍ୟ ଭିତରକୁ ଯାଇପାରେ। ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି ଯେ ଦୀର୍ଘ ସମୟ ଧରି ଉଚ୍ଚ ମାତ୍ରାର ଆଲୁମିନିୟମ ସହିତ ସମ୍ପର୍କ ରଖିବା ଦ୍ୱାରା ହାଡ଼ ସମସ୍ୟା, ବୃକକ୍ ଚାପ ଏବଂ ସ୍ନାୟୁ ସମସ୍ୟା ହୋଇପାରେ। ବୃକକ୍ ରୋଗୀଙ୍କ କ୍ଷେତ୍ରରେ ଏହି ବିପଦ ଆହୁରି ଅଧିକ।

### ଖାଦ୍ୟକୁ କିପରି ସୁରକ୍ଷିତ ରଖିବେ ?:

ବିଶେଷଜ୍ଞଙ୍କ ମତରେ, ପ୍ରତିଦିନ ରୋଷେଇ କିମ୍ବା ଦୀର୍ଘକାଳୀନ ସଂରକ୍ଷଣ ପାଇଁ ଆଲୁମିନିୟମ୍ ଫଏଲ୍ କିମ୍ବା ପାତ୍ର ବ୍ୟବହାର କରିବାରୁ ଦୂରେଇ ରୁହନ୍ତୁ। ଫଏଲ୍‌ରେ ଖଟା, ଲୁଣିଆ ଏବଂ ମସଲାଯୁକ୍ତ ଖାଦ୍ୟ ସଂରକ୍ଷଣ କରିବାରୁ ଦୂରେଇ ରୁହନ୍ତୁ। ରନ୍ଧା ଖାଦ୍ୟକୁ ଷ୍ଟିଲ୍, କାଚ କିମ୍ବା ସିରାମିକ୍ ପାତ୍ରରେ ରଖନ୍ତୁ। ଯଦି ବେକିଂ କିମ୍ବା ଗ୍ରୀଲ୍ କରିବା ପାଇଁ ଫଏଲ୍ ବ୍ୟବହାର କରୁଛନ୍ତି, ତେବେ ଖାଦ୍ୟ ଏବଂ ଫଏଲ୍ ମଧ୍ୟରେ ବଟର ପେପର୍ କିମ୍ବା ବେକିଂ କାଗଜ ରଖନ୍ତୁ।

---

ଜଳନେତି ଦ୍ୱାରା ନାସାପଥ ଓ ସାଇନସ୍‌ରୁ ଲାଳ ଓ ମଇଳା ବାହାରିଯାଏ। ଏହାଦ୍ୱାରା ଶ୍ୱାସ, ନ୍ୟୁମୋନିଆ, ବ୍ରୋଙ୍କାଇଟିସ୍ ଏବଂ ଫୁସ୍‌ଫୁସ୍ ଯକ୍ଷ୍ମା ଆଦି ରୋଗରୁ ମୁକ୍ତି ମିଳେ। ଆଲର୍ଜି, ଥଣ୍ଡା, ସାଇନୋସାଇଟିସ୍ ସହ କାନ, ଆଖି, ଗଳାର ବିଭିନ୍ନ ସମସ୍ୟା ଉପଶମ ହୁଏ। ତା'ସହ ସମୀପ ଦୃଷ୍ଟି, ଆଲର୍ଜିକ୍ ନାସା ପ୍ରଦାହ, ପରାଗଜ୍ୱର, ଟନ୍‌ସିଲାଇଟିସ୍‌ରୁ ମୁକ୍ତି ମିଳେ। ଜଳନେତି ଦ୍ୱାରା ପିଲାଙ୍କ ମୁହଁ ବାଟେ ନିଶ୍ୱାସ ନେବା କମିଯାଏ। ମୁହଁର ମାଂସପେଶୀ ଟାଣିହୁଏ ନାହିଁ। ଅଭ୍ୟାସକାରୀର ଚେହେରା ସତେଜ୍ ଓ ଯୁବସୁଲଭ ହୁଏ। ମସ୍ତିଷ୍କରେ ଶୀତଳ ଓ ଶାନ୍ତ ଭାବ ଅନୁଭୂତ ହୁଏ। ଅପସ୍ମାର ଓ ଅର୍ଦ୍ଧକପାଳୀରୁ ଉପକାର ମିଳେ।

ଜଳନେତି ନାକରେ ଥିବା ସ୍ନାୟୁଗୁଡ଼ିକର ଶେଷ ମୁଣ୍ଡକୁ ସକ୍ରିୟ କରେ। ମସ୍ତିଷ୍କ କାର୍ଯ୍ୟରେ ଏବଂ ବ୍ୟକ୍ତିର ସ୍ୱାସ୍ଥ୍ୟରେ ସର୍ବୋପରି ଉନ୍ନତି ହୁଏ। ଡାହାଣ ଓ ବାମ ନାସାରନ୍ଧ୍ରରେ ଭାରସାମ୍ୟ ଆସି ସ୍ୱାସ୍ଥ୍ୟରେ ଉନ୍ନତି ହୁଏ। ପାଚନ କ୍ରିୟା ଓ ରକ୍ତ ସଞ୍ଚାଳନ ପ୍ରଣାଳୀରେ ମଧ୍ୟ ଭାରସାମ୍ୟ ହୁଏ ବୋଲି ଯୋଗଗୁରୁ ଗଣେଶ୍ୱର ଗୋଛିକାର କହିଛନ୍ତି।

### ଆବଶ୍ୟକ ଉପକରଣ:

ଏଥିପାଇଁ ଗୋଟିଏ ନିର୍ଦ୍ଦିଷ୍ଟ 'ନେତି ଲୋଟା' ବ୍ୟବହାର କରାଯାଏ। ଏହା ପ୍ଲାଷ୍ଟିକ୍, ମାଟି, ପିତ୍ତଳ ବା ଅନ୍ୟ କୌଣସି ଧାତୁରୁ ହୋଇପାରେ ଯାହା ପାଣିକୁ ଯେପରି ଦୂଷିତ କରିବ ନାହିଁ। ଲୋଟାର ନଳୀ ମୁହଁର ଅଗ୍ରଭାଗ ଆରାମରେ ନାସାରନ୍ଧ୍ରରେ ଲାଗି ରହିବ ଯେପରି ପାଣି ଲିକ୍ କରି ବାହାରି ନ ଆସେ। ଏପରିକି ଚା' କେଟେଲ୍ ମଧ୍ୟ ବ୍ୟବହାର କରିହେବ।

ଅଧା ଲିଟର ପାଣିରେ ଗୋଟିଏ ଚାମଚ ଲୁଣ ଭଲଭାବରେ ମିଶାଇବେ। ଲୁଣ ମିଶାଇବା ଦ୍ୱାରା ପାଣିର ଅସ୍‌କୋଟିକ୍ ଚାପ ଶରୀରର ଜଳୀୟ ଅଂଶର ଚାପ ସହ ସମାନ ରହିବ। ଏହାଦ୍ୱାରା ଶ୍ଳେଷ୍ମିକ ଝିଲ୍ଲୀର ଜ୍ୱଳନ କମିଯାଏ। ଜ୍ୱଳନ ବା କଷ୍ଟ ହେଲେ ଜାଣିବେ ବେଶୀ ବା କମ୍ ଲୁଣ ମିଶାଯାଇଛି।

### ପ୍ରଥମ ସ୍ଥିତିରେ ନାସାରନ୍ଧ୍ର ଧୋଇବା




ନେତି ଲୋଟାକୁ ତିଆରି କରିଥିବା ଲୁଣ ପାଣିରେ ଭର୍ତ୍ତି କରନ୍ତୁ
ଭଲ ଭାବରେ ଠିଆ ହୁଅନ୍ତୁ, ଗୋଡ଼ ଛାଡ଼ିକରି ରହିବ ଏବଂ ଦୁଇ ପାଦ ଉପରେ ଦେହର ଓଜନ ସମାନ ଭାବେ ପଡ଼ିବ
ଏବେ ସାମାନାକୁ ଝୁଙ୍କନ୍ତୁ
ପ୍ରାୟ ଗୋଟିଏ ମିନିଟ୍ ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଶିଥିଳ କରନ୍ତୁ।
ମୁଣ୍ଡକୁ ଟିକିଏ ପଛକୁ ଓ କଡ଼କୁ ବଙ୍କାଇ ରଖନ୍ତୁ
ମୁହଁରେ ନିଶ୍ୱାସ ନେବା ଆରମ୍ଭ କରନ୍ତୁ
ଧୀରେ ଉପରପଟ ନାସା ରନ୍ଧ୍ରରେ ଲୋଟାର ନଳୀମୁହଁର ଅଗ୍ରଭାଗକୁ ପୁରାନ୍ତୁ
କୌଣସି ପ୍ରକାର ଜୋର ପ୍ରୟାସ କରିବେ ନାହିଁ
ନଳୀ ଅଗ୍ରଭାଗକୁ ନାକ କଡ଼େ ଜୋରରେ ଚାପି ରଖିବେ ଯେପରି ପାଣି ବାହାରକୁ ଲିକ୍ କରି ନ ଆସେ
ଲୋଟାକୁ ଉପରକୁ ଟେକନ୍ତୁ ଯେପରି ପାଣି ନାସାରନ୍ଧ୍ର ଦେଇ ଭିତରକୁ ଯିବ ଏବଂ ବିପରୀତ ପଟେ ବାହାରିବ
ଧୀରେ ନାକବାଟେ ନିଶ୍ୱାସ ଛାଡ଼ି ଲାଳ କାଢ଼ିଦିଅନ୍ତୁ
ବିପରୀତ ଦିଗକୁ ମୁଣ୍ଡ ବଙ୍କାଇ ଲୋଟାକୁ ଉପରପଟ ନାସାରନ୍ଧ୍ରରେ ପୂରାଇ ଅଭ୍ୟାସର ପୁନରାବୃତ୍ତି କରନ୍ତୁ

### ଦ୍ୱିତୀୟ ସ୍ଥିତିରେ ନାକ ଶୁଖାଇବା

ସିଧା ଠିଆ ହୁଅନ୍ତୁ
ଡାହାଣ ନାସାରନ୍ଧ୍ରକୁ ଡାହାଣ ବୁଢ଼ା ଆଙ୍ଗୁଳିରେ ବନ୍ଦ କରନ୍ତୁ
ବାମ ନାସାରନ୍ଧ୍ରରେ ୫ରୁ ୧୦ଥର ଶୀଘ୍ର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ, କପାଳଭାତି ପ୍ରାଣାୟମ ଭଳି ନିଶ୍ୱାସ ଛାଡ଼ିବାରେ ଜୋର ଦେବେ
ବାମ ନାସାରନ୍ଧ୍ର ବନ୍ଦ କରି ଡାହାଣ ନାସାରନ୍ଧ୍ରରେ ଅଭ୍ୟାସର ପୁନରାବୃତ୍ତି କରନ୍ତ
ଏହି ଅଭ୍ୟାସ ଦ୍ୱାରା ସାଇନସ୍ କୋଟରରେ ଜମିଥିବା ପାଣି ବାହାରିଯାଏ

### ସଜାଗତା

ଦେହର ସ୍ଥିତି ଓ ଦେହ ଶିଥିଳ କରିବାରେ ଲକ୍ଷ୍ୟ ରଖିବେ, ସତର୍କ ରହିବ ଯେପରି ଲୋଟା ମୁହଁରୁ ପାଣି ନାକ ବାହାରକୁ ବାହାରି ନ ଆସେ।
ନୂତନ ଅଭ୍ୟାସକାରୀ ମୁହଁ ବାଟେ ଆରାମରେ ନିଶ୍ୱାସ ନେବା ପ୍ରତି ଲକ୍ଷ୍ୟ ରଖିବେ।

---




**ହୃଦରୋଗ, ଯାହା ପୂର୍ବରୁ ମୁଖ୍ୟତଃ ବୟସ୍କମାନଙ୍କୁ ପ୍ରଭାବିତ କରେ ବୋଲି ଚିନ୍ତା କରାଯାଉଥିଲା, ଏବେ ଏହା ଯୁବପିଢ଼ିଙ୍କୁ ଅଧିକ ଆକ୍ରାନ୍ତ କରୁଛି। ବିଶେଷଜ୍ଞମାନେ କହିଛନ୍ତି ଯେ ୪୦ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରେ ହୃଦଘାତ ବର୍ତ୍ତମାନ ବିଶ୍ୱ ସ୍ତରରେ ୬-୧୦ ପ୍ରତିଶତ ମାମଲା ଭାରତରେ ବିଶ୍ୱ ହାରାହାରି ହାର ଅପେକ୍ଷା ଆହୁରି ଅଧିକ। ଏହି ପରିବର୍ତ୍ତନ ଯୁବପିଢ଼ିଙ୍କ ସ୍ୱାସ୍ଥ୍ୟ ପ୍ରତି ଗମ୍ଭୀର ଚିନ୍ତା ସୃଷ୍ଟି କରିଛି।**

### କାରଣ:

ଏହି ଚିନ୍ତାଜନକ ଧାରା ପଛରେ ଜୀବନଶୈଳୀ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଅନେକ ଯୁବପିଢ଼ି ଡେସ୍କ ଉପରେ ବସି, ଯାତାୟାତ କରି କିମ୍ବା ସ୍କ୍ରିନ୍ ବ୍ୟବହାର କରି ଦୀର୍ଘ ସମୟ ବିତାଇଥାନ୍ତି। ପ୍ରକ୍ରିୟାକୃତ, ଚିନି ଏବଂ ଚର୍ବିଯୁକ୍ତ ଖାଦ୍ୟରେ ଅତ୍ୟଧିକ ଖାଦ୍ୟ ସହିତ ମିଶି, ଏହି ଅଭ୍ୟାସଗୁଡ଼ିକ ଓଜନ ବୃଦ୍ଧିରେ ସାହାଯ୍ୟ କରେ ଏବଂ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ଉଚ୍ଚ କୋଲେଷ୍ଟ୍ରଲର ବିପଦକୁ ବୃଦ୍ଧି କରେ, ଯାହା ହୃଦୟକୁ ଚାପ ଦିଏ। ମାନସିକ ସ୍ୱାସ୍ଥ୍ୟ ଆଉ ଏକ ଲୁକ୍କାୟିତ କାରଣ। ଦୀର୍ଘକାଳୀନ ଚାପ, ଚିନ୍ତା ଏବଂ ଡିପ୍ରେସନ୍ କୋର୍ଟିସୋଲ୍ ସ୍ତରକୁ ବୃଦ୍ଧି କରେ, ଯାହା ସମୟ ସହିତ ରକ୍ତଚାପ ବୃଦ୍ଧି କରିପାରେ ଏବଂ ହୃଦୟକୁ କ୍ଷତି ପହଞ୍ଚାଇପାରେ। ଚାପ ଧୂମପାନ, ଅତ୍ୟଧିକ ମଦ୍ୟପାନ କିମ୍ବା ନିଶା ସେବନ ଭଳି ଅସ୍ୱାସ୍ଥ୍ୟକର ମୁକାବିଲା ଆଚରଣକୁ ମଧ୍ୟ ଉତ୍ସାହିତ କରେ, ଯାହା ହୃଦଘାତର ବିପଦକୁ ଆହୁରି ବୃଦ୍ଧି କରେ।

### ପ୍ରତିରୋଧ

ଭଲ ଖବର ହେଉଛି ଯେ ପ୍ରତିରୋଧ ସମ୍ଭବ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଶୀଘ୍ର ଲୁକ୍କାୟିତ ବିପଦଗୁଡ଼ିକୁ ଧରିହେବ। ଏକ ସନ୍ତୁଳିତ ଖାଦ୍ୟ ଏବଂ ଦୈନନ୍ଦିନ ଶାରୀରିକ କାର୍ଯ୍ୟକଳାପ ହୃଦୟକୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଯେତେବେଳେ ଧ୍ୟାନ କିମ୍ବା ଯୋଗ ଭଳି ଅଭ୍ୟାସ ମାନସିକ ସୁସ୍ଥତାକୁ ସମର୍ଥନ କରେ। ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଭଳି ଦୀର୍ଘସ୍ଥାୟୀ ଅବସ୍ଥା ପାଇଁ ଉପଯୁକ୍ତ ଚିକିତ୍ସା ଯୋଜନା ଅନୁସରଣ କରିବା ସହିତ ତମାଖୁ, ଇ-ସିଗାରେଟ୍ ଏବଂ ମନୋରଞ୍ଜନକାରୀ ଔଷଧ ପରିହାର କରିବା ଅତ୍ୟନ୍ତ ଜରୁରୀ।

---




କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯାହା ଆମ ରକ୍ତକୁ ଶୁଦ୍ଧ କରିବା ସହ ଶରୀରରୁ ଅପରିଷ୍କାର ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଦୂଷିତ ଖାଦ୍ୟ ପାନୀୟର ସେବନ କରି ଆମେ ଆମ କିଡନୀକୁ ଖରାପ କରିଥାଉ। ତେବେ ଏହାକୁ କାର୍ଯ୍ୟକ୍ଷମ ଏବଂ ସୁସ୍ଥ ରଖିବା ପାଇଁ କଣ କରିବା ଆସନ୍ତୁ ଜାଣିବା।

### କିଡନୀକୁ ସୁସ୍ଥ ରଖିବେ କିପରି ? :

ଆପଣ ଯଦି ନିଜ କିଡନୀକୁ ସଫା ରଖିବାର ଚାହୁଁଛନ୍ତି ତେବେ ପ୍ରଚୁର ପାଣି ପିଅନ୍ତୁ। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଆପଣଙ୍କ ବିଷାକ୍ତ ପଦାର୍ଥ ପରିସ୍ରା ମାଧ୍ୟମରେ ବାହାରି ଯାଇଥାଏ। ଏହା କିଡନୀରେ ପଥର ହେବା ଆଶଙ୍କାକୁ ମଧ୍ୟ ବହୁତ ହ୍ରାସ କରିଥାଏ।

### ଲୁଣ ଏବଂ ଚିନିକୁ ନିୟନ୍ତ୍ରଣ କରନ୍ତୁ :

ଖାଦ୍ୟରେ ଲୁଣ ମିଶାଇ ଖାଇବା ଦ୍ୱାରା ଏହା କିଡନୀ ପାଇଁ ବିପଦ ସୃଷ୍ଟି କରିଥାଏ। ଅତ୍ୟଧିକ ଲୁଣ ରକ୍ତଚାପ ବୃଦ୍ଧି କରେ ଯାହା ସିଧାସଳଖ କିଡନୀର ଶିରାକୁ ପ୍ରଭାବିତ କରେ। ସେହିପରି ଅତ୍ୟଧିକ ଚିନି ସେବନ କରିବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ ଯାହାକୁ କିଡନୀ କ୍ଷତିର ସବୁଠାରୁ ବଡ କାରଣ ବୋଲି ବିବେଚନା କରାଯାଏ। ସରଳ ଏବଂ କମ୍ ମସଲାଯୁକ୍ତ ଖାଦ୍ୟ କିଡନୀ ପାଇଁ ଭଲ ହୋଇଥାଏ ।

### ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ :

ଲୋକମାନେ ପ୍ରାୟତଃ ସାମାନ୍ୟ ଯନ୍ତ୍ରଣା ପାଇଁ ନିଜେ ଔଷଧ ଖାଇବା ଆରମ୍ଭ କରିଦିଅନ୍ତି। ଏହି ଅଭ୍ୟାସ କିଡନୀ ପାଇଁ ବହୁତ କ୍ଷତିକାରକ ହୋଇଥାଏ। ଡାକ୍ତରଙ୍କ ପରାମର୍ଶ ବିନା ବାରମ୍ବାର ଔଷଧ ଖାଇବା ଦ୍ୱାରା କିଡନୀ ଧୀରେ ଧୀରେ କାମ କରିବା ବନ୍ଦ କରିଦେଇଥାଏ।

### ସକ୍ରିୟ ଜୀବନଶୈଳୀ ଆପଣାନ୍ତୁ :

ଦିନରେ ଅତି କମରେ ଅଧ ଘଣ୍ଟା ଚାଲିବା କିମ୍ବା ଯୋଗ କରିବା କିଡନୀ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଯାହାଦ୍ୱାରା ଶରୀରର ଓଜନ ସନ୍ତୁଳିତ ରହିଥାଏ ।ଫଳରେ କିଡନୀକୁ ସେମାନଙ୍କର କାର୍ଯ୍ୟ କରିବା ସହଜ ହୋଇଥାଏ। ଏହା ସହିତ ଆପଣଙ୍କ କିଡନୀକୁ ସର୍ବଦା ଭଲ ରଖିବା ପାଇଁ ଆପଣ ବର୍ଷକୁ ଅତି କମରେ ଥରେ କେଏଫଟି ବା (କିଡନୀ ଫଙ୍କସନ୍ ଟେଷ୍ଟ) କରନ୍ତୁ।

---

# ବେଙ୍ଗ, ଝିଟିପିଟି ଅନ୍ତଃନଳୀରୁ କର୍କଟ ଚିକିତ୍ସା



ଦିନକୁଦିନ ବିଜ୍ଞାନ ଆଗକୁ ବଢୁଛି। ତଥାପି କର୍କଟ ରୋଗର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ ହୋଇପାରିନାହିଁ। ଏକ ନୂଆ ଅଧ୍ୟୟନ ଏ ଦିଗରେ ଆଶା ସଞ୍ଚାର କରିଛି। ଜାପାନର ବୈଜ୍ଞାନିକମାନେ ଝିଟିପିଟି ଓ ବେଙ୍ଗ ଶରୀରରୁ ଏକ ଜୀବାଣୁ ଆବିଷ୍କାର କରିଛନ୍ତି, ଯାହାକୁ କୋଲନ୍ କର୍କଟର ଚିକିତ୍ସା ପାଇଁ ବ୍ୟବହାର କରାଯାଇପାରିବ।

ଗବେଷକମାନେ ବେଙ୍ଗ ଓ ଝିଟିପିଟି ଅନ୍ତଃନଳୀରୁ ଏକ ନିର୍ଦ୍ଦିଷ୍ଟ ଜୀବାଣୁ ଚିହ୍ନଟ କରିଛନ୍ତି, ଯାହା କୋଲୋରେକ୍ଟାଲ୍ କର୍କଟ(ଅନ୍ତଃନଳୀ ଓ ମଳଦ୍ୱାର କର୍କଟ) ଚିକିତ୍ସାରେ ବହୁତ ପ୍ରଭାବଶାଳୀ ପ୍ରମାଣିତ ହେବ ବୋଲି ଜଣାପଡ଼ିଛି। ଏହି ଜୀବାଣୁ ଚିକିତ୍ସା ଭବିଷ୍ୟତରେ ପାରମ୍ପରିକ କେମୋଥେରାପି ଓ ଇମ୍ୟୁନୋଥେରାପିର ସୁରକ୍ଷିତ ବିକଳ୍ପ ଭାବେ ଉଭା ହୋଇପାରେ।

ଜାପାନ ଆଡ୍‌ଭାନ୍‌ସ୍‌ଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଆଣ୍ଡ୍ ଟେକ୍ନୋଲୋଜି (ଜେଏଆଇଏସ୍‌ଟି)ର ଏକ ବୈଜ୍ଞାନିକ ଦଳ ବେଙ୍ଗ ଏବଂ ଝିଟିପିଟିଙ୍କ ଅନ୍ତଃନଳୀରେ କର୍କଟ ପ୍ରତିରୋଧୀ ଜୀବାଣୁ ମିଳୁଥିବାର ଅଧ୍ୟୟନରୁ ଜାଣିବାକୁ ପାଇଲେ। ପରୀକ୍ଷା ସମୟରେ ବୈଜ୍ଞାନିକମାନେ ଦେଖିଲେ ଯେ 'ଇୱିଙ୍ଗେଲା ଆମେରିକାନା' ନାମକ ଜୀବାଣୁ ସିଧାସଳଖ କର୍କଟ ଓ ଟ୍ୟୁମରକୁ ଆକ୍ରମଣ କରୁଛି। ଏହା ଟ୍ୟୁମର ଭିତରକୁ ପ୍ରବେଶ କରେ ଏବଂ ପ୍ରଭାବିତ ସ୍ଥାନରେ ଶରୀରର ପ୍ରତିରକ୍ଷା ପ୍ରତିକ୍ରିୟାକୁ ସକ୍ରିୟ କରେ ଏବଂ ଶରୀରର ନିଜସ୍ୱ ଟି-କୋଷଗୁଡ଼ିକ କର୍କଟ କୋଷଗୁଡ଼ିକୁ ନିଶାଣ କରି ନଷ୍ଟ କରିବା ଆରମ୍ଭ କରେ।

ଏହି ଚିକିତ୍ସା ରୋଗୀମାନଙ୍କ ପାଇଁ କମ୍ ଯନ୍ତ୍ରଣାଦାୟକ ମଧ୍ୟ। ଚିକିତ୍ସାର ୨୪ ଘଣ୍ଟା ପରେ ରକ୍ତରେ ଜୀବାଣୁ ଚିହ୍ନଟ ହୋଇ ନଥିଲା ଏବଂ ୭୨ ଘଣ୍ଟା ମଧ୍ୟରେ ଶରୀରର ପ୍ରଦାହ ପ୍ରତିକ୍ରିୟା ସ୍ୱାଭାବିକ ହୋଇଯାଇଥିଲା। ବୈଜ୍ଞାନିକମାନେ କହିଛନ୍ତି ଯେ, ଏହି ଜୀବାଣୁକୁ ସ୍ତନ କର୍କଟ ଏବଂ ଅଗ୍ନାଶୟ କର୍କଟ ଭଳି ଅନ୍ୟ ରୋଗ ଲାଗି ମଧ୍ୟ ପରୀକ୍ଷା କରାଯିବ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତୀୟ ରପ୍ତାନି: ଗତି ଓ ପ୍ରଗତି

ସାମ୍ପ୍ରତିକ ବିଶ୍ୱ ଅର୍ଥନୀତିର ଦୋଳାୟମାନ ସ୍ଥିତି ମଧ୍ୟରେ ଭାରତର ବାଣିଜ୍ୟିକ ରପ୍ତାନି କ୍ଷେତ୍ରରେ ଏକ ସକାରାତ୍ମକ ଧାରା ପରିଲକ୍ଷିତ ହୋଇଛି । ଯେତେବେଳେ ସମଗ୍ର ବିଶ୍ୱ ଭୂ-ରାଜନୈତିକ ଉତ୍ତେଜନା, ଯୁଦ୍ଧ ଏବଂ ମୁଦ୍ରାସ୍ଫୀତି ଭଳି ଗୁରୁତର ସମସ୍ୟା ଦେଇ ଗତି କରୁଛି, ସେତେବେଳେ ଭାରତର ସାମଗ୍ରୀ ରପ୍ତାନିରେ ବାର୍ଷିକ ୧.୮ ଶତାଂଶ ଅଭିବୃଦ୍ଧି ଏକ ଆଶାଜନକ ସଙ୍କେତ ବହନ କରେ । ଆମେରିକା ଭଳି ବୃହତ ଅର୍ଥନୀତି ଦ୍ୱାରା ଲାଗୁ କରାଯାଉଥିବା ଉଚ୍ଚ ଶୁଳ୍କ (Tariffs) ଏବଂ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିବନ୍ଧକ ସତ୍ତ୍ୱେ ଭାରତୀୟ ରପ୍ତାନିକାରୀମାନେ ଯେଉଁ ସ୍ଥିରତା ପ୍ରଦର୍ଶନ କରିଛନ୍ତି, ତାହା ନିଶ୍ଚିତ ଭାବରେ ପ୍ରଶଂସନୀୟ । ତେବେ ଏହି ଅଭିବୃଦ୍ଧିର ପରିସଂଖ୍ୟାନକୁ କେବଳ ଏକ ସାଧାରଣ ସଂଖ୍ୟା ଭାବରେ ନ ଦେଖି ଏହାର ଅନ୍ତର୍ନିହିତ କାରଣ, ଆହ୍ୱାନ ଏବଂ ଭବିଷ୍ୟତର ସମ୍ଭାବନାକୁ ଗଭୀର ଭାବରେ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି ।

ସଦ୍ୟତମ ତଥ୍ୟ ଅନୁଯାୟୀ, ଭାରତର ସାମଗ୍ରୀ ରପ୍ତାନିରେ ଯେଉଁ ୧.୮ ଶତାଂଶ ବୃଦ୍ଧି ଘଟିଛି, ତାହା ଏକ ଜଟିଳ ବାହ୍ୟ ପରିବେଶରେ ହାସଲ କରାଯାଇଛି । ବିଶେଷକରି ଆମେରିକା ଏବଂ ଚୀନ୍ ମଧ୍ୟରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ ଏବଂ ଆମେରିକା ଦ୍ୱାରା ବିଭିନ୍ନ ସାମଗ୍ରୀ ଉପରେ ଆମଦାନି ଶୁଳ୍କ ବୃଦ୍ଧି କରିବାର ନିଷ୍ପତ୍ତି ବିଶ୍ୱ ବାଣିଜ୍ୟ ଶୃଙ୍ଖଳାକୁ ପ୍ରଭାବିତ କରିଛି । ଏହା ସତ୍ତ୍ୱେ ଭାରତୀୟ ଉତ୍ପାଦଗୁଡ଼ିକ ବିଶ୍ୱ ବଜାରରେ ନିଜର ଚାହିଦା ବଜାୟ ରଖିବାରେ ସଫଳ ହୋଇଛନ୍ତି । ଏହି ସଫଳତାର ଏକ ବଡ଼ ଶ୍ରେୟ ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ ଶିଳ୍ପକୁ ଯାଏ । ବିଗତ କିଛି ବର୍ଷ ମଧ୍ୟରେ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ' (PLI) ଯୋଜନା ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ, ବିଶେଷକରି ମୋବାଇଲ୍ ଫୋନ୍ ରପ୍ତାନିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ଯେଉଁ ସମୟରେ ପାରମ୍ପରିକ ରପ୍ତାନି କ୍ଷେତ୍ରଗୁଡ଼ିକ ସଂଘର୍ଷ କରୁଛନ୍ତି, ସେତେବେଳେ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ମୂଲ୍ୟଯୁକ୍ତ ସାମଗ୍ରୀ ରପ୍ତାନିରେ ବୃଦ୍ଧି ଭାରତର ରପ୍ତାନି ଢାଞ୍ଚାରେ ଆସୁଥିବା ଗଠନମୂଳକ ପରିବର୍ତ୍ତନକୁ ସୂଚିତ କରୁଛି ।

ଏହି ଅଭିବୃଦ୍ଧିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତର ରପ୍ତାନି ବଜାରର ବିବିଧକରଣ । ଯଦିଓ ଆମେରିକା ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର ହୋଇ ରହିଛି, ତଥାପି ସେଠାରେ ବଢ଼ୁଥିବା ସଂରକ୍ଷଣବାଦୀ ନୀତି ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି । ଆମେରିକା ବଜାରରେ କଠୋର ନୀତି ନିୟମ ଏବଂ ଉଚ୍ଚ ଶୁଳ୍କ ହାର ଭାରତୀୟ ରପ୍ତାନିକାରୀଙ୍କ ଲାଭାଂଶ (Profit Margin)କୁ ସଙ୍କୁଚିତ କରୁଛି । ତଥାପି, ଏହି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ରପ୍ତାନି ବୃଦ୍ଧି ପାଇବା ଏହା ପ୍ରମାଣ କରୁଛି ଯେ ଭାରତୀୟ ଉତ୍ପାଦର ଗୁଣବତ୍ତା ଏବଂ ପ୍ରତିଯୋଗିତାମୂଳକ ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ଗ୍ରହଣୀୟ ହେଉଛି । ଏହା ବ୍ୟତୀତ, ୟୁରୋପୀୟ ୟୁନିଅନ୍ ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶଗୁଡ଼ିକ ସହିତ ବାଣିଜ୍ୟ ସମ୍ପର୍କକୁ ସୁଦୃଢ଼ କରିବା ଦ୍ୱାରା ଗୋଟିଏ ନିର୍ଦ୍ଦିଷ୍ଟ ବଜାର ଉପରେ ନିର୍ଭରଶୀଳତା କିଛି ମାତ୍ରାରେ ହ୍ରାସ ପାଇଛି । କିନ୍ତୁ ଏହା ସ୍ୱୀକାର କରିବାକୁ ହେବ ଯେ ଆମେରିକାର ଅର୍ଥନୀତିରେ ଯେକୌଣସି ମନ୍ଥରତା କିମ୍ବା ନୀତିଗତ ପରିବର୍ତ୍ତନ ଭାରତର ରପ୍ତାନି ଉପରେ ସିଧାସଳଖ ପ୍ରଭାବ ପକାଇବାର କ୍ଷମତା ରଖେ ।

ରପ୍ତାନି କ୍ଷେତ୍ରରେ ଏହି ସାମାନ୍ୟ ଅଭିବୃଦ୍ଧି ସତ୍ତ୍ୱେ ଆମକୁ ବାଣିଜ୍ୟ ନିଅଣ୍ଟ (Trade Deficit)ର ବାସ୍ତବତାକୁ ଅଣଦେଖା କରିବା ଉଚିତ ନୁହେଁ । ତଥ୍ୟ ବିଶ୍ଳେଷଣରୁ ଜଣାପଡ଼େ ଯେ ରପ୍ତାନି ବୃଦ୍ଧି ପାଇବା ସହିତ ଆମଦାନିର ପରିମାଣ ମଧ୍ୟ ଯଥେଷ୍ଟ ଅଧିକ ରହିଛି । ବିଶେଷକରି ଅଶୋଧିତ ତୈଳ, ସୁନା ଏବଂ ଇଲେକ୍ଟ୍ରୋନିକ୍ ଉପକରଣର ଆମଦାନି ଭାରତର ବାଣିଜ୍ୟିକ ସନ୍ତୁଳନକୁ ପ୍ରଭାବିତ କରୁଛି । ଯଦିଓ ୧.୮ ଶତାଂଶର ରପ୍ତାନି ଅଭିବୃଦ୍ଧି ସକାରାତ୍ମକ, କିନ୍ତୁ ଯଦି ଆମଦାନିର ବେଗ ଏହାଠାରୁ ଅଧିକ ହୁଏ, ତେବେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବ ଯାହା ମୁଦ୍ରା ବିନିମୟ ମୂଲ୍ୟ ଏବଂ ଚଳନ୍ତି ଖାତା ନିଅଣ୍ଟ (Current Account Deficit) ଉପରେ ଚାପ ସୃଷ୍ଟି କରିପାରେ । ତେଣୁ, କେବଳ ରପ୍ତାନି ବୃଦ୍ଧି କରିବା ଯଥେଷ୍ଟ ନୁହେଁ, ବରଂ ଘରୋଇ ଉତ୍ପାଦନ ବୃଦ୍ଧି କରି ଅନାବଶ୍ୟକ ଆମଦାନି ଉପରେ ନିର୍ଭରଶୀଳତା କମାଇବା ମଧ୍ୟ ଏକାନ୍ତ ଆବଶ୍ୟକ ।

କ୍ଷେତ୍ରଗୁଡିକର ବିଶ୍ଳେଷଣ କଲେ ଦେଖାଯାଏ ଯେ, ସମସ୍ତ କ୍ଷେତ୍ର ସମାନ ଭାବରେ ପ୍ରଦର୍ଶନ କରୁନାହାନ୍ତି । ରତ୍ନ ଓ ଅଳଙ୍କାର ଏବଂ ବୟନ ଶିଳ୍ପ (Textiles) ଭଳି ଶ୍ରମ-ବହୁଳ କ୍ଷେତ୍ରଗୁଡ଼ିକରେ ମନ୍ଥରତା ଦେଖାଦେଇଛି । ବିଶ୍ୱର ପ୍ରମୁଖ ବଜାରଗୁଡ଼ିକରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ବିଳାସପୂର୍ଣ୍ଣ ସାମଗ୍ରୀର ଚାହିଦା କମିଛି, ଯାହା ସିଧାସଳଖ ଭାରତର ରତ୍ନ ଓ ଅଳଙ୍କାର ରପ୍ତାନିକୁ ପ୍ରଭାବିତ କରିଛି । ଏହା ନିଯୁକ୍ତି ଦୃଷ୍ଟିକୋଣରୁ ମଧ୍ୟ ଚିନ୍ତାଜନକ, କାରଣ ଏହି କ୍ଷେତ୍ରଗୁଡ଼ିକ ଦେଶରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାନ୍ତି । ଅନ୍ୟପକ୍ଷରେ, କୃଷିଜାତ ଦ୍ରବ୍ୟ ଏବଂ ପ୍ରକ୍ରିୟାକରଣ ଖାଦ୍ୟ ରପ୍ତାନିରେ ସ୍ଥିରତା ଦେଖାଦେଇଛି । ସରକାରଙ୍କ ଦ୍ୱାରା ଚାଉଳ, ଗହମ ଏବଂ ଚିନି ରପ୍ତାନି ଉପରେ ଲଗାଯାଇଥିବା କଟକଣା ସତ୍ତ୍ୱେ କୃଷି କ୍ଷେତ୍ର ଭଲ ପ୍ରଦର୍ଶନ କରିବା ଆଶ୍ୱସ୍ତିର ବିଷୟ ।

ଏହି ପରିସ୍ଥିତିରେ ଭବିଷ୍ୟତର ରଣନୀତି କ'ଣ ହେବା ଉଚିତ ? ପ୍ରଥମତଃ, ଭାରତକୁ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (FTAs) ଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ହେବ । ଦ୍ୱିତୀୟତଃ, ଉତ୍ପାଦର ଗୁଣବତ୍ତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଆମେରିକା ଏବଂ ୟୁରୋପରେ ପରିବେଶ ଏବଂ ଶ୍ରମ ଆଇନ ସମ୍ବନ୍ଧୀୟ କଟକଣା କଡ଼ାକଡ଼ି ହେଉଥିବାରୁ ଭାରତୀୟ ଶିଳ୍ପଗୁଡ଼ିକୁ ସେହି ମାନଦଣ୍ଡ ଅନୁଯାୟୀ ନିଜକୁ ପ୍ରସ୍ତୁତ କରିବାକୁ ହେବ । ତୃତୀୟତଃ, ଭିତ୍ତିଭୂମିର ବିକାଶ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ କମାଇବା ପାଇଁ ଜାତୀୟ ଲଜିଷ୍ଟିକ୍ସ ନୀତିର ସଫଳ ରୂପାୟନ ଜରୁରୀ । ଯଦି ଆମେ ଆମର ପରିବହନ ଖର୍ଚ୍ଚ କମାଇ ପାରିବା, ତେବେ ବିଶ୍ୱ ବଜାରରେ ଆମର ପ୍ରତିଯୋଗିତାମୂଳକ ଶକ୍ତି ବୃଦ୍ଧି ପାଇବ ।

ଏହା ବ୍ୟତୀତ, ସେବା କ୍ଷେତ୍ର (Service Sector)ର ରପ୍ତାନି ସାମଗ୍ରୀ ରପ୍ତାନିର ନିଅଣ୍ଟକୁ ଭରଣା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଆଇଟି (IT) ଏବଂ ବ୍ୟବସାୟିକ ସେବା କ୍ଷେତ୍ରରେ ଭାରତର ଦବଦବା ଜାରି ରହିଛି । କିନ୍ତୁ କେବଳ ସେବା କ୍ଷେତ୍ର ଉପରେ ନିର୍ଭର ନ କରି ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ଏକ ସନ୍ତୁଳିତ ଅର୍ଥନୀତି ପାଇଁ ଅପରିହାର୍ଯ୍ୟ । 'ଚୀନ୍ ପ୍ଲସ୍ ଓ୍ୱାନ୍' (China Plus One) ରଣନୀତିର ଲାଭ ଉଠାଇବା ପାଇଁ ଭାରତକୁ ଏକ ଉପଯୁକ୍ତ ବିକଳ୍ପ ଭାବରେ ଉଭା ହେବାକୁ ପଡ଼ିବ । ଏଥିପାଇଁ ନୀତିଗତ ସ୍ଥିରତା, ସହଜ ବ୍ୟବସାୟିକ ପରିବେଶ ଏବଂ ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ରହିଛି ।

ପରିଶେଷରେ, ୧.୮ ଶତାଂଶ ରପ୍ତାନି ଅଭିବୃଦ୍ଧି ଏକ ଛୋଟ ବିଜୟ ପରି ମନେହେଲେ ମଧ୍ୟ ଏହା ଭାରତୀୟ ଅର୍ଥନୀତିର ଅନ୍ତର୍ନିହିତ ଶକ୍ତିକୁ ପ୍ରତିଫଳିତ କରେ। ଆମେରିକାର ଉଚ୍ଚ ଶୁଳ୍କ ଏବଂ ବିଶ୍ୱବ୍ୟାପୀ ଅନିଶ୍ଚିତତା ସତ୍ତ୍ୱେ ଭାରତ ବିଶ୍ୱ ବାଣିଜ୍ୟ ମାନଚିତ୍ରରେ ନିଜର ସ୍ଥିତି ବଜାୟ ରଖିଛି । ତେବେ ଆଗାମୀ ଦିନରେ ବିଶ୍ୱ ଅର୍ଥନୀତିର ଗତିବିଧି ଆହୁରି ଜଟିଳ ହେବାର ସମ୍ଭାବନା ରହିଛି । ଏହି ପରିପ୍ରେକ୍ଷୀରେ ସରକାର ଏବଂ ଶିଳ୍ପ ଜଗତ ମିଳିତ ଭାବରେ କାର୍ଯ୍ୟ କରିବା ଆବଶ୍ୟକ । ନୂତନ ବଜାର ଅନ୍ୱେଷଣ, ଉତ୍ପାଦରେ ନବସୃଜନ ଏବଂ ମୂଲ୍ୟଯୁକ୍ତ ରପ୍ତାନି ଉପରେ ଧ୍ୟାନ କେନ୍ଦ୍ରୀଭୂତ କଲେ ଭାରତ କେବଳ ବର୍ତ୍ତମାନର ଆହ୍ୱାନକୁ ମୁକାବିଲା କରିବ ନାହିଁ, ବରଂ ଭବିଷ୍ୟତରେ ଏକ ରପ୍ତାନି କେନ୍ଦ୍ର (Export Hub) ଭାବରେ ଉଭା ହୋଇପାରିବ।



# ଧୂଳି ପ୍ରଦୂଷିତ ଜୀବନ

ଇଂ ସତ୍ୟନାରାୟଣ ମାଝୀ

ଧୂଳିକଣାରେ ପ୍ରଦୂଷିତ ବାୟୁମଣ୍ଡଳ ଜୀବଜଗତ ପାଇଁ ସଂକଟ ସୃଷ୍ଟି କରୁଛି। ଯଦ୍ୱାରା ବିଶୁଦ୍ଧ ବାୟୁ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅତିଷ୍ଠ କଲାଣି।ସାଂପ୍ରତିକ ପରିସ୍ଥିତରେ ଆମ ରାଜ୍ୟ ତଥା ଦେଶର ବହୁ ସହରରେ ଧୂଳି ପ୍ରଦୂଷଣ ସମସ୍ୟା ବଢିବାରେ ଲାଗିଛି। ଯାହାକି ଆମପାଇଁ ବିପଦର ସଂକେତ।

ଧୂଳି ମୁଖ୍ୟତଃ ନିର୍ମାଣ କାର୍ଯ୍ୟ, ରାସ୍ତା ଧୂଳି, ଅହେତୁକ ଯାନବାହନ ଚଳାଚଳ, ଦ୍ରୁତ ଶିଳ୍ପାୟନ ଏବଂ ପ୍ରାକୃତିକ ପବନ ଉତ୍ସରୁ ସୃଷ୍ଟି ହୁଏ।ଏହା କଣିକା ପଦାର୍ଥର ସ୍ତର ବୃଦ୍ଧି କରେ ଓ ମାନବ ସ୍ୱାସ୍ଥ୍ୟକୁ ହାନି ପହଞ୍ଚାଉଛି।

ଦୃଶ୍ୟମାନତାକୁ ବାଧା ଦିଏ ଏବଂ ପର୍ଯ୍ୟାବରଣକୁ ବହୁମାତ୍ରାରେ ପ୍ରଭାବିତ କରିଚାଲିଛି। ପ୍ରଭାବିତ ନିୟନ୍ତ୍ରଣ ପାଇଁ ସନ୍ତୁଳନ କାର୍ଯ୍ୟକାରିତା, ଧୂଳି ପ୍ରସମନ ପଦକ୍ଷେପ, ସବୁଜ ସହରାଞ୍ଚଳ ଯୋଜନା ଏବଂ ସକ୍ରିୟ ଜନସଚେତନତା ଆବଶ୍ୟକ। କ୍ଷୀପ୍ରଗତିରେ ସହରୀକରଣ ଏବଂ ଶିଳ୍ପାୟନ ଯୋଗୁଁ ଅବାଧ ଗଛକଟା ଅଞ୍ଚଳଗୁଡ଼ିକରେ ଧୂଳି ପ୍ରଦୂଷଣ ଏକ ପ୍ରମୁଖ ପରିବେଶଗତ, ପାରିପାର୍ଶ୍ୱିକ ଏବଂ ଜନସ୍ୱାସ୍ଥ୍ୟ ଆହ୍ୱାନ ଭାବରେ ଉଭା ହୋଇଛି। ଏଥିରେ ମୁଖ୍ୟତଃ ନିର୍ମାଣ କାର୍ଯ୍ୟ, କଚ୍ଚା କିମ୍ବା ଖରାପ ରକ୍ଷଣାବେକ୍ଷଣ ହୋଇଥିବା ରାସ୍ତାରେ ଯାନବାହାନ ଚଳାଚଳ, ଖଣି କାର୍ଯ୍ୟ, ଶିଳ୍ପ ପ୍ରକ୍ରିୟା ଏବଂ ଶୁଷ୍କ ମାଟି ପୃଷ୍ଠ ଭଳି ପ୍ରାକୃତିକ ଉତ୍ସରୁ ନିର୍ଗତ ସୂକ୍ଷ୍ମ କଣିକା ପଦାର୍ଥ ଅନ୍ତର୍ଭୁକ୍ତ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଯେତେବେଳେ ପବନ ସହଜରେ ଶୁଖିଲା ମାଟି ଏବଂ ଅଳିଆରୁ ଧୂଳିକଣା ଉଡିଥାଏ।ଖଣି ଖାଦାନ ମାନଙ୍କରେ ଉତ୍ପନ୍ନ ହେଉଥିବା ଧୂଳିକଣା ହାନିକାରକ।ଅନେକ ସମୟରେ ଭାରତୀୟ ନ୍ୟାୟାଳୟ ଗୁଡିକରେ ଧୂଳି ପ୍ରଦୂଷଣ ହ୍ରାସ ପାଇଁ ବହୁ ପ୍ରସଙ୍ଗରେ ବିଚାର ବିମର୍ଶ ହୋଇଛି।କିନ୍ତୁ ବିଶେଷ କିଛି ଫଳପ୍ରଦ ହୋଇପାରିନି। ବର୍ତ୍ତମାନ ଯେଉଁ ଭଳି ଜନସଂଖ୍ୟା ହୁହୁ ବୃଦ୍ଧି ଘଟିଲାଣି। ତେଣୁ ଆବଶ୍ୟକତା ସେତେମାତ୍ରାରେ ବଢିଛି। ଗାଁ ଗହଳିରେ ମଧ୍ୟ ଧୂଳି ପ୍ରଦୂଷଣ ବହୁମାତ୍ରାରେ ବଢିଛି। କାରଣ ଅନେକ ଗାଁ ରାସ୍ତା ଏବେ ବି କଚ୍ଚା ମୋରମ୍‌ରେ ହିଁ ନିର୍ମିତ । ସେ ରାସ୍ତା ଗୁଡିକରେ ଦିନସାରା ଟ୍ରାକ୍ଟର ସହିତ ଦୁଇଚକିଆ ଯାନ ଯାତାୟତ କଲେବି ଯେତେକି ଧୂଳି ଉତ୍ପନ୍ନ ହେଉଛି ତାହା ଅତ୍ୟନ୍ତ କ୍ଷତିକାରକ। ଗ୍ରାମାଞ୍ଚଳରେ କ୍ରସର ଓ କଳକାରଖାନା ଗଢି ଉଠୁଥିବାରୁ ଧୂଳିକଣାର ପ୍ରଭାବ ତ ନ କହିବା ଭଲ। ଏହାଦ୍ୱାରା ଯାନବାହନ ଯାତାୟତ ବଢୁଛି ଏବଂ ସେ ଅଂଚଳରେ ନିର୍ମାଣ ମଧ୍ୟ ବୃଦ୍ଧି ପାଉଛି। ପ୍ରଶ୍ୱାସ ପ୍ରକ୍ରିୟାରେ ଅମ୍ଳଜାନକୁ ବିଶୁଦ୍ଧ ଗ୍ରହଣ କରିବାରେ ଧୂଳିକଣା ମଧ୍ୟ ଅନ୍ତରାୟ ସୃଷ୍ଟି କରୁଛି। ରାସ୍ତାରେ ମୁକ୍ତ ଯାତାୟତ କଲା ବେଳେ ଶରୀରର ଚର୍ମରେ ଧୂଳିରେ ଆସ୍ତରଣ ବସିଯାଉଛି। ବିଶେଷ କରି ସହରାଞ୍ଚଳ, ଖଣିଖାଦାନ, କଳକାରଖାନା ଆଦିରୁ ଉତ୍ପନ୍ନ ଧୂଳି ପ୍ରଦୂଷଣ ଯୋଗୁଁ ନିର୍ମାଣ ଶ୍ରମିକ, ରାସ୍ତାକଡର କ୍ରେତା ବିକ୍ରେତା, ନିକଟବର୍ତ୍ତୀ ନିମ୍ନ-ଆୟ ବସତି ଏବଂ ଏସବୁ ଅଂଚଳର ସମସ୍ତ ଶ୍ରେଣୀର ରହୁଥିବା ବାସିନ୍ଦାମାନଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପଡୁଛି। ଯାହାଦ୍ୱାରା କମ୍ ବୟସରେ ଚର୍ମରୋଗ, ଫୁସ୍‌ଫୁସ୍ ରୋଗରେ ଅସମୟରେ ଜୀବନ ଚାଲିଯାଉଛି। ବର୍ଷବର୍ଷ ଧରି ଶ୍ୱାସକ୍ରିୟା, କିଡନୀ ଓ ହୃଦରୋଗ ଜନିତ ବିଭିନ୍ନ ରୋଗରେ ରୋଗାକ୍ରାନ୍ତ ହେବା ଆଦି ପରିଲକ୍ଷିତ ହେଉଛି। ଏହା ପରୋକ୍ଷରେ ବେଶୀ ପ୍ରଭାବ ପକାଉଅଛି। ଅତ୍ୟଧିକ ଧୂଳି ପ୍ରଦୂଷଣ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣାକୁ ଏଡାଇ ହେଉନାହିଁ। ଏହାର ପ୍ରତିକାର ନିମନ୍ତେ ସରକାରଙ୍କ ନିୟମ ଅନୁସାରେ ବିଭିନ୍ନ ଖଣିସଂସ୍ଥା, ନିର୍ମାଣକାରୀ ସଂସ୍ଥା ଓ ଶିଳ୍ପସଂସ୍ଥା ଦ୍ୱାରା ଆବଶ୍ୟକ ପଦକ୍ଷେ ପ ନିଆଯାଉଥିଲେ ମଧ୍ୟ କୌଣସି ପ୍ରକାରର ସୁଫଳ ମିଳିପାରୁନାହିଁ। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଧୂଳି ପ୍ରଦୂଷଣରୁ ନଦୀନାଳ ତଥା ଜଳାଶୟ, ବୃକ୍ଷଲତା ଜଙ୍ଗଲ ଉପରେ ପ୍ରଭାବ, ରାସ୍ତା କଡରେ ବିକ୍ରିଖାଦ୍ୟ ତଥା ସାମଗ୍ରୀ ଉପରେ ବହୁ କୁପ୍ରଭାବ ଦେଖାଦେଉଛି। ଧୂଳି ପ୍ରଦୂଷଣର ସମାଧାନ ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ, ପ୍ରଯୁକ୍ତିବିଦ୍ୟା ହସ୍ତକ୍ଷେପ, ସ୍ଥାୟୀ ସହରାଞ୍ଚଳ ଯୋଜନା ଏବଂ ଜନସାଧାରଣଙ୍କ ଅଂଶଗ୍ରହଣର ଗୁରୁତ୍ୱ ଆବଶ୍ୟକ। କେବଳ ଏକ ସମନ୍ୱିତ ଏବଂ ପ୍ରତିରୋଧକ ପଦ୍ଧତି ବିଶୁଦ୍ଧ ବାୟୁ ଏବଂ ସୁସ୍ଥ ଜୀବନଯାପନ ପରିବେଶ ସୁନିଶ୍ଚିତ କରିପାରିବ। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରିବାର ପ୍ରକ୍ରିୟା ଆରମ୍ଭ କରା ନଯାଏ, ଆଗାମୀ ଦିନରେ ଘୋର ବିସ୍ଫୋରଣ ସୃଷ୍ଟି କରିବ।

ଜୀବନଧାରଣ ପାଇଁ ସର୍ବନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର ଓ ବାସଗୃହ ଧୂଳି ଧୂସରିତ ହେଲେ ଜୀବନ ମଳିନ ହୋଇଯିବ। ବାୟୁବିନା ଜୀବଜଗତ ମୁହୂର୍ତ୍ତେ ତିଷ୍ଠି ପାରିବ ନାହିଁ। ତେଣୁ ଧୂଳି ପ୍ରଦୂଷଣ ଏକ ଆହ୍ୱାନ।ଏହାର ମୁକାବିଲା ଆମ ସମସ୍ତଙ୍କର ଧେୟ।

ଷ୍ଟାଣ୍ଡି କମିଟି ସଦସ୍ୟ
ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ
ମୋ: ୯୪୩୮୫୩୭୦୧୩



# ପୂର୍ଣ୍ଣ ବିକାଶ ପଥରେ ଆମେ

କବୀର କୁମାର ଜେନା

ଆମେ ସତରେ ପୂର୍ଣ୍ଣ ବିକାଶ ପାଇଛେ ? ବିକାଶ କ'ଣ ? ଏପରି କିଛି ପ୍ରଶ୍ନ କେଜାଣି କାହିଁ ମୋତେ ଆନ୍ଦୋଳିତ କଲା। ହଜାର ବର୍ଷର ସହର କଟକ, କ'ଣ ବିକାଶ କରିଛି ? ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ'ଣ ବି ବିକାଶ କରିଛନ୍ତି ? ବିଶ୍ୱଗୁରୁର ନେତୃତ୍ୱ ନେଉଥିବା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଭାରତ କ'ଣ ସତରେ କେଉଁ କ୍ଷେତ୍ରରେ ବିକାଶ ହୋଇଛି ? ମୁଁ ଯେ ଜଣେ ବିକାଶ ବିରୋଧୀ ତାହା ଉଲ୍ଲେଖ କରୁନି। ବିକାଶର ମାର୍ମିକ ସତ୍ୟ କ'ଣ ବା ଲେଖିବା। ଅନେକଙ୍କୁ ଏହା ଜଣା। ଆପଣ ଅସୁବିଧାରେ ପଡ଼ିଛନ୍ତି, ଫୋନ କଲେ କେତେ ସମୟ ଭିତରେ ପିସିଆର ଗାଡ଼ି ପହଞ୍ଚୁଛି ? ଆପଣଙ୍କ ଘର ପାଖରେ ଦିନ ଦିନ ଧରି ଆବର୍ଜନା ଗନ୍ଧ ହେଉଛି, ଉଠାଉ ଥିବା ଗାଡ଼ି ନେଉନାହିଁ ତାହାହେଲେ କ'ଣ କରିବେ ? ସରକାର ନିଜେ ପ୍ରଦୂଷଣ କରୁଛନ୍ତି। ଭଙ୍ଗା ରାସ୍ତା ଓ ଖଣି ଖାଦାନ କ୍ଷେତ୍ରରେ ରାଜସ୍ୱ ଆଦାୟ ଚଢ଼ା ଭାବରେ ଆଦାୟ କରୁଥିଲେ ମଧ୍ୟ ପ୍ରଦୂଷଣ କିନ୍ତୁ ସ୍ଥାନୀୟ ଲୋକ ଭୋଗୁଛନ୍ତି, ଏହା ହେଉଛି ବିକାଶ ? ମାମଲା ଯେତେ ସବୁ ରୁଜୁ ହେଉଛି, ଥାନା ପରିସୀମାରେ ଅନେକ କ୍ଷେତ୍ରରେ ଯାହା ଯାହା ସବୁ ହେଉଛି ତାହା କ'ଣ ବିକାଶର ଚିତ୍ର ? ସତରେ ଗୋଟିଏ ଧାଡ଼ିରେ କହିଲେ 'ଆଇନ କ'ଣ ତା'ବାଟରେ ଯାଏ' କିନ୍ତୁ କୁହାଯାଏ 'ଆଇନ ତା ବାଟରେ ଯାଏ'। ନୂଆଦିଲ୍ଲୀର ବିବାଦୀୟ ବିଚାରପତିଙ୍କ ମାମଲାକୁ ଦେଖାଯାଉ। ଏହିପରି ବିକାଶର ଆଲୋଚନା କଲେ ଜଣେ ନିଜକୁ ଯେଉଁ ଚିନ୍ତା ଭିତରକୁ ଠେଲି ନେଇଯିବ ତାହା ତାକୁ ଆହୁରି ଭାରାକ୍ରାନ୍ତ କରିଯିବ। ରୋଜଗାରର ଚିନ୍ତା ଯାହା ସେ କ୍ଷେତ୍ରରେ ଦରଦାମ ଯେଉଁପରି ଭାବେ ବଢୁଛି ଟିକିଏ ବିଚାର କଲେ, ଏସବୁ ସତରେ ବିକାଶର କ'ଣ ଗୋଟିଏ ଗୋଟିଏ ନୂଆ ଭାଷା !!

ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନକୁ ଲମ୍ଫ ପ୍ରଦାନ କରୁଥିବା ପ୍ରମୁଖ ମହାଶକ୍ତି ଭାରତ ସ୍ୱାଧିନତାର ୧୦୦ ପୂର୍ତ୍ତି ପାଳନ କରିବା ପାଇଁ ଯାଉଛି ୨୦୪୭ରେ। ଏବେ ଡବଲ ଇଞ୍ଜିନ ସରକାର, କେନ୍ଦ୍ରରେ ଓ ଓଡ଼ିଶାରେ ଶାସନର ଲଗାମ ବିଜେପି ହାତରେ। 'ବିକଶିତ ଭାରତ -୨୦୪୭' ଭାବେ ଭାରତକୁ ଏକ ପୂର୍ଣ୍ଣ ବିକଶିତ, ବିଶ୍ୱସ୍ତରୀୟ ଓ ମହାଶକ୍ତି ଅନ୍ତର୍ଭୁକ୍ତ କ୍ଷମତାସମ୍ପନ୍ନରେ ପରିଣତ କରିବା ପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତ ହେଉଛି। ଓଡ଼ିଶା ମଧ୍ୟ 'ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭' ପ୍ରସ୍ତୁତ କରିଛି। ଓଡ଼ିଶା ଗଠନର ୧୦୦ ବର୍ଷ ୨୦୩୬ରେ ପୂର୍ଣ୍ଣ ହେବାକୁ ଯାଉଥିବାରୁ କହିବାକୁ ଗଲେ ୨୦୩୬ ଓ ୨୦୪୭ ଆମ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖୁଛି।

ବାସ୍ତବରେ ପୂର୍ଣ୍ଣ ବିକଶିତ ଭାରତ କ'ଣ ? ସେହିଠି ଏହାକୁ ପୂର୍ଣ୍ଣ ବିକଶିତ, ସମୃଦ୍ଧ, ଉନ୍ନତ, ଅଭିବୃଦ୍ଧି ସମ୍ପନ୍ନ ଦେଶ କୁହାଯିବ ଅର୍ଥ ଯେଉଁଠି ଅଭିବୃଦ୍ଧି, ସମାନତା, ସ୍ଥିରତା ସହିତ ସୁଯୋଗ ପ୍ରତ୍ୟେକ ନାଗରିକଙ୍କ ପାଖରେ ଉପଲବ୍ଧ ହୋଇପାରିବ। ବ୍ୟାପକ ଭିତ୍ତିଭୂମି ବିକାଶ, ଆର୍ଥିକ ସଂସ୍କାର, କେନ୍ଦ୍ରୀୟ ଯୋଜନା କଲ୍ୟାଣର ମୂଳ ଆଧାର ଲୋକମାନଙ୍କ ବିକାଶ ଓ ଆଞ୍ଚଳିକ ଭାରସମ୍ୟ ରକ୍ଷା ସହ ଜଳବାୟୁ ସ୍ଥିରତା ମଧ୍ୟ ଅତିବ ଗୁରୁତ୍ୱପୂର୍ଣ୍ଣ।

୨୦୪୭ ମସିହାରେ ଭାରତକୁ ପୂର୍ଣ୍ଣ ବିକଶିତ ରୂପରେ ଦେଖିବା ଲାଗି ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଦେଶକୁ ୩୦ ଟ୍ରିଲିଅନ ଡଲାର ଅର୍ଥନୀତିରେ ପରଣିତ କରିବାର ଯୋଜନା କରାଯାଉଛି। ଏହାର ଅଗ୍ରଗତି ଚାରିଟି ବର୍ଗର ବିକାଶ ଉପରେ ନିର୍ଭର କରିବ, ଯୁବକ, ଦରିଦ୍ର, ମହିଳା ଓ କୃଷକ। ସୁତରାଂ ଏହି ଚାରି ବର୍ଗର ଅନ୍ତର୍ଭୁକ୍ତୀକରଣ ଓ ସଶକ୍ତିକରଣ ସର୍ବାଧିକ ଗୁରୁତ୍ୱ ବହନ କରିବ। କେନ୍ଦ୍ରୀୟ ବଜେଟ ୨୦୨୫-୨୬ରେ ଏ ନେଇ ସରକାରଙ୍କ ଆଗ୍ରହ ପ୍ରତିଫଳିତ ହୋଇଛି। ବ୍ୟକ୍ତିଗତ ଆୟକର ଛାଡ଼ ସୀମା ୮ ଲକ୍ଷ ଟଙ୍କାରୁ ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଏମ.ଏସ.ଏମ.ଇ. ଗୁଡ଼ିକୁ ଦୃଢ଼ କରିବା, ସ୍ଥାୟୀ କୃଷିକୁ ସମର୍ଥନ କରିବା ଏବଂ ଭିତ୍ତିଭୂମିରେ ନିବେଶ ବୃଦ୍ଧି କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏହାର ଉଦାହରଣ। ସେମିତି ଦାରିଦ୍ର୍ୟ ହ୍ରାସ କରିବା ହେଉଛି ଏକ ପ୍ରମୁଖ ଜାତୀୟ ଦୃଷ୍ଟିକୋଣ ବା ଆଭିମୁଖ୍ୟ। ସେମିତି କେତେକ ଉଦାହରଣୀୟ କଲ୍ୟାଣକାରୀ କାର୍ଯ୍ୟକ୍ରମ ହେଲେ ୮୦ କୋଟିରୁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ଜନଧନ ଯୋଜନା ମାଧ୍ୟମରେ ସାଧାରଣ ନାଗରିକକୁ ବ୍ୟାଙ୍କ ସେବା ସହିତ ଯୋଡ଼ି ରାଷ୍ଟ୍ରୀୟ ଅର୍ଥ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା, ଆବାସ ଯୋଜନାରେ ୩୦ ନିୟୁତରୁ ଅଧିକ ଗ୍ରାମୀଣ ଘର ନିର୍ମାଣ କରିବା ଏବଂ ଆଦିବାସୀ ସଂପ୍ରଦାୟ ଓ ଦିବ୍ୟାଙ୍ଗଙ୍କ ପାଇଁ ସାମାଜିକ ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଇତ୍ୟାଦି। ଚାଷୀମାନେ ଦେଶର ମେରୁଦଣ୍ଡ ବୋଲି ହୃଦବୋଧ କରି କୃଷିକୁ ଯଥେଷ୍ଟ ଗୁରୁତ୍ୱ ଦେବା ମଧ୍ୟ ସରକାରଙ୍କ ପ୍ରଧାନ ଆଭିମୁଖ୍ୟ ହୋଇଛି ପ୍ରଧାନମନ୍ତ୍ରୀ କିଷାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼, ପ୍ରଧାମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, କିଷାନ କ୍ରେଡିଟ କାର୍ଡ଼ ଭଳି ଯୋଜନାଗୁଡ଼ିକ ଏହାର ଗୋଟିଏ ଗୋଟିଏ ପ୍ରମାଣ। ଏହି ସବୁ ଯୋଜନା ଦ୍ୱାରା ଜଳସେଚନ ବ୍ୟବସ୍ଥାରୁ ନେଇ କୃଷକଙ୍କୁ ଋଣ ପ୍ରଦାନ ପର୍ଯ୍ୟନ୍ତ ଅନେକ ସୁବିଧା ଓ ସହାୟତା ଯୋଗାଇ ଦିଆଯାଉଛି। ସେହିଭଳି ପ୍ରଧାନମନ୍ତ୍ରୀ ପ୍ରଣାମ ଯୋଜନା ମାଧ୍ୟମରେ ସ୍ଥାୟୀ ବା ଦୀର୍ଘକାଳୀନ କୃଷିକୁ ପ୍ରୋତ୍ସାହନ ଦିଆଯାଉଛି।

ମହିଳା ସଶକ୍ତୀକରଣ ମଧ୍ୟ ବିକଶିତ ଭାରତର ଏକ ପ୍ରମୁଖ ଅଂଶ। ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ଏକ ତୃତୀୟାଂଶ ଆସନ ଆରକ୍ଷଣ, ତିନି ତଲାକ ବ୍ୟବସ୍ଥାର ଉଚ୍ଛେଦ, ଜନଧନ ଆକାଉଣ୍ଟ, ମୁଦ୍ରା ଯୋଜନା ଏବଂ ଷ୍ଟାଣ୍ଡ ଅପ ଇଣ୍ଡିଆ ଇତ୍ୟାଦି ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବନର ସୁଯୋଗ ଦିଆଯାଉଛି। ଜଳ ଜୀବନ ମିସନ, ସ୍ୱଚ୍ଛ ଭାରତ ମିସନ ଏବଂ ପି.ଏମ.ଏମ.ଭି.ୱାଇ, ଜଳ ପରିମଳ ଏବଂ ପ୍ରସୂତି ଯତ୍ନ ଭଳି ମୌଳିକ ସେବାଗୁଡ଼ିକ ସଂପ୍ରତି ମହିଳାମାନଙ୍କର ଲାଗି ସହଜରେ ଉପଲବ୍ଧ ହେଉଛି। ଶିକ୍ଷା ଏବଂ ଦକ୍ଷତା ବିକାଶ ଦିଗରେ ପି.ଏମ. ଶ୍ରୀ ବିଦ୍ୟାଳୟ ବିଦ୍ୟାଞ୍ଜଳି, ନିଷ୍ଠା ଏବଂ ନିପୁଣ ଭାରତ ଭଳି କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷା ଓ ଶିକ୍ଷକ କ୍ଷମତା ବୃଦ୍ଧି ହାସଲ ସମ୍ଭବ ହୋଇଛି। ଦକ୍ଷତା ଭାରତ ମିସନ ଏବଂ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଯୁବପିଢ଼ିଙ୍କୁ ଶିଳ୍ପ ଉଦ୍ୟୋଗ ଲାଗି ପ୍ରସ୍ତୁତ କରୁଥିବା ବେଳେ ଅଟଳ ଟିଙ୍କରିଂ ଲ୍ୟାବ ବୈଜ୍ଞାନିକଙ୍କୁ ପ୍ରୋତ୍ସାହିତ କରୁଛି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିସନ ଏବଂ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ ଅଧୀନରେ ସ୍ୱାସ୍ଥ୍ୟ ସେବା ଅଧିକ ସୁଲଭ ହୋଇଛି। ଇ-ସଂଜୀବନୀ ଓ.ପି.ଡ଼ି. ଏବଂ ପ୍ରଧାନମନ୍ତ୍ରୀ ଜନ ଔଷଧୀ ଯୋଜନା ସ୍ୱାସ୍ଥ୍ୟସେବାକୁ ଅଧିକ ସମାବେଶୀ କରିଛି। ମିସନ ଇନ୍ଦ୍ରଧନୁଷ ଏବଂ ନିଶା ମୁକ୍ତ ଭାରତ ଭଳି ଅଭିଯାନ ଶିଶୁ କଲ୍ୟାଣ ଏବଂ ନିଶାମୁକ୍ତ ଭାରତ ଦିଗରେ ବଳିଷ୍ଠ ପଦକ୍ଷେପ। ପିଏମ ଗତିଶକ୍ତି ଅଧୀନରେ ଭିତ୍ତିଭୂମିର ବିକାଶ ତ୍ୱରାନ୍ୱିତ ଓ ସମନ୍ୱୟୀ ହେବାର ବାଟ ଫିଟିଛି, ଏହାଫଳରେ ସଡ଼କ, ରେଳ, ବାୟୁ ଏବଂ ଜଳପଥ ନେଟୱାର୍କ ସୁଦୃଢ଼ ହୋଇଛି। ଏ ସବୁରେ ଅଗ୍ରଗତି ଓ ନୂତନ ଆବିଷ୍କାରକୁ ଉତ୍ସାହ ଦିଆଯାଉଛି, ଯାହା ବିକଶିତ ଭାରତ ଗଠନରେ ଭୂମିକା ନିର୍ବାହ କରିବ। ମହାକାଶ ବିଜ୍ଞାନରେ ଆମ ଦେଶର ଉଲବ୍ଧି ବେଶ ଦୃଷ୍ଟି ଆକର୍ଷଣକାରୀ ହୋଇ ରହିଛି। ଚନ୍ଦ୍ରଯାନ, ଆଦିତ୍ୟ ଏଲ୍ପି ୧ ଓ ଗଗନଯାନ ମିସନ ହେଉଛନ୍ତି ମହାକାଶ ପ୍ରଯୁକ୍ତି ବିଦ୍ୟାର ସଫଳତାର ନିଦର୍ଶନ।

ଭାରତ ଆଜି ଶକ୍ତି ଉତ୍ପାଦନ କ୍ଷମତା କ୍ଷେତ୍ରରେ ଯେଉଁପରି ଅଭିବୃଦ୍ଧି କରିଛି ତାହା ଏକ ସ୍ୱଚ୍ଛ ଓ ପରିପୂର୍ଣ୍ଣ ଅର୍ଥନୀତିର ମହତ୍ତ୍ୱକୁ ସାବ୍ୟସ୍ତ କରୁଛି। ବିକଶିତ ଓଡ଼ିଶା ପାଇଁ ଏକ ବିସ୍ତୃତ, ଦୂରଦୃଷ୍ଟି ସମ୍ପନ୍ନ ନକ୍ସା ତିଆରି ହେଉଛି ଯେଉଁଥିରେ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାରର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ ହେବା ହେଉଛି ରାଜ୍ୟର ଏକ ଅଭିଳାଷ। ଅର୍ଥନୀତି କ୍ଷେତ୍ର ଠାରୁ ପ୍ରାରମ୍ଭିକ ଶୈଶବ, ଆଧୁନିକ ଚିକିତ୍ସା ଠାରୁ ଶୈଶବ ମୃତ୍ୟୁ ସବୁ କ୍ଷେତ୍ରରେ ସ୍ୱାସ୍ଥ୍ୟ ରଣନୀତିରେ ଜଳବାୟୁ ସ୍ଥିରତାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବା ଜରୁରୀ। ଓଡ଼ିଶା ଏକ ଚାଷୀ ପ୍ରଧାନ ରାଜ୍ୟ। ଚାଷବାସ ସହ ଡିଜିଟାଲ କୃଷିକୁ ପ୍ରୋତ୍ସାହନ ଓ ରାଜ୍ୟବ୍ୟାପୀ ଜଳସେଚନ ସହ ନୂତନ ମାଛଧରା ବନ୍ଦର, ସାମୁଦ୍ରିକ ଖାଦ୍ୟ ପାର୍କ ହେଉଛି ଓଡ଼ିଶା ସରକାରଙ୍କର ନୀଳ ଅର୍ଥନୀତିର ନୂଆ ନକ୍ସା। ସାର୍ବଜନୀନ ସ୍କୁଲ ନାମଲେଖା, ସାର୍ବଜନୀନ ଡିଜିଟାଲ ସାକ୍ଷରତା ସହ ଉଚ୍ଚ ଶିକ୍ଷା ସଂସ୍କାର ଦ୍ୱାରା ଗବେଷଣା କ୍ଷମତା ବଢ଼ିବ ଯାହା ବିଶ୍ୱବିଦ୍ୟାଳୟ ପରି ଶିକ୍ଷାୟତନକୁ ମଜଭୁତ କରିବ। ଯୁବପିଢ଼ିଙ୍କ ପାଇଁ କ୍ରୀଡ଼ାଭିତ୍ତିଭୂମି ଠାରୁ ସାମଗ୍ରୀକ ପ୍ରୋତ୍ସାହନ ସହିତ ଆଦିବାସୀ ବହୁଳ, ଦୁର୍ଗମ ଜିଲ୍ଲାରେ ସମନ୍ୱିତ ଆଞ୍ଚଳିକ ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏକ ବିକଶିତ ଓଡ଼ିଶା କଥା ଚିନ୍ତାକଲେ ରାଜ୍ୟରେ ଉତ୍ପାଦନ ବୃଦ୍ଧି ଠାରୁ ଯୁବଶକ୍ତିଙ୍କୁ ବିଶେଷକରି ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ସବୁଜ ଶକ୍ତିର ସମୃଦ୍ଧି, କୃଷିର ଆଧୁନିକୀକରଣ, ପର୍ଯ୍ୟଟନ ବିକାଶ ଓ ପରିବହନ କ୍ଷେତ୍ରରେ ଲଜିଷ୍ଟିକ ସହ ଶିଶୁ ଓ ମହିଳା ସ୍ୱାସ୍ଥ୍ୟ ନୀତି ସହ ସାମଗ୍ରିକ ଡିଜିଟାଲ ସେବାର ଗୁରୁତ୍ୱ ରହିଛି। ଲୋକଙ୍କ ସରକାର ଯାହା କୁହାଯାଉଛି ତାହାକୁ ଏକ ବିଚାରରେ ଚିନ୍ତା କଲେ ଏହା ଆସିବ ସର୍ବପ୍ରଥମେ ଗାଁର ବିକାଶ, ଜନ ଆଧାରିତ ବିକାଶ, ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି, ସାଂସ୍କୃତିକ ଅସ୍ମିତା, ଦାୟିତ୍ୱପୂର୍ଣ୍ଣ ଶାସନ ଆଦି ଯାହା ବିକଶିତ ଭାରତ ୨୦୪୭ ଓ ଓଡ଼ିଶା ଭିଜନ ୨୦୩୬, ୨୦୪୭ର ଲକ୍ଷ୍ୟ ସମ୍ଭବ ସମ୍ପର୍କରେ କିଛି ଭିତ୍ତି ପଡ଼ିଲା ପରି ଅନୁଭବ ହୋଇପାରିବ। ଆମେ ସେହି ମହାନ ଭାରତର ଜଣେ ଜଣେ ସନ୍ତାନ। ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କଲାବେଳକୁ ଆମେ ଯେପରି ସ୍ୱଚ୍ଛ ନିର୍ମଳ ଶାସନ ଉନ୍ନତ ଭିତ୍ତିଭୂମି, ଦୃଢ଼ ଓ ସଶକ୍ତ ମାନବ ବିକାଶ ସହ ଗୌରବ, ସ୍ଥିରତା ଓ ନବସୃଜନ ହିଁ ଆମ ମାନଙ୍କର ଗର୍ବ ହେବା ଉଚିତ। ପୂର୍ଣ୍ଣ ଭାରତର ବିକାଶ ସହିତ ଓଡ଼ିଶାକୁ ଏକ ପୂର୍ଣ୍ଣ ବିକଶିତ କରିବା କ୍ଷେତ୍ରରେ ଆମ ସମସ୍ତଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୮୯୧୭୩୭୭୯୮୭

## କବିତା କୋଣାର୍କ

### ପ୍ରେମିକା

ଦିନେଶ ମେହେର



ଅନେକ ଥର ତତେ ଖୋଜିଛି
ଆଇମା କାହାଣୀର ଅବୁଝା
ପଙ୍କ୍ତି ଭିତରେ,
ହେଲେ ବୀଜଗଣିତର
ଏକ ଅସଜଡ଼ା ସମୀକରଣ ଭଳି
ତୋ ସତ୍ତା ଖୋଜିବା ଭାରି କଷ୍ଟ....!

ମୁଁ ହଜେ
ତୋର ସଂପୂର୍ଣ୍ଣ ଭୂଗୋଳରେ
ସୁମେରୁ ଠାରୁ ଗୋଲାର୍ଦ୍ଧ ସବୁ ପାରି ହୁଏ
ତତେ ପାଇବା ପାଇଁ,
ତୋର ଗୋଟେ ଝଲକ୍ ଦେଖିବାପାଇଁ,
ହେଲେ ତୁ ଇତିହାସ
ବହିରେ ସେଇ ଅତୀତ
ଯାହା କେବେଠୁ ଲୁଚି ଯାଇଛି
ପୃଥିବୀ ପୃଷ୍ଠରୁ,
ପାଲଟି ଯାଇଛି ଗୋଟେ ସ୍ମାରକୀ...!

ତତେ ଖୋଜେ,
ସାହିତ୍ୟର ସବୁ ଧାଡ଼ିରେ
ରୋମାଣ୍ଟିକ କବିତାର ଅବୁଝା ଶବ୍ଦରେ,
ତତେ ଭାବେ
ଗଳ୍ପରେ, ଉପନ୍ୟାସରେ,
ଅବା ଏକପଦିରେ
ହେଲେ କେଉଁଠି ବି
ରଚି ପାରେ ନାହିଁ ତୋର
ଗୋଟେ ବି ପ୍ରତିଛବି;

ଜାଣିଛୁ,
ଯଦି ଇଛା ଟିଏ ହେଇ
ତୁ ରହି ଯାଇଥାନ୍ତୁ ହୃଦୟରେ
ତାହେଲେ ତୋ ଆଗରେ ଢ଼ାଳି ଦିଅନ୍ତି
ଛାତିରୁ ବୁନ୍ଦା ବୁନ୍ଦା ରୋଧିର,
ପୁଣି ଅଜାଡ଼ି ଦିଅନ୍ତି
ନିଜର ସବୁତକ ପାରିବାପଣିଆ
ତୋର ଗୋଟେ ହକ୍ ପାଇଁ......!

+ଜୁନାଗଡ଼, କଳାହାଣ୍ଡି
ମୋ : ୮୦୧୮୮୨୮୪୫୬

### ବୋଉ

ସିଦ୍ଧେଶ୍ୱର ତ୍ରିପାଠୀ

ଏଇ ଦେହ ମନ ଜୀବନ ସପନ
ଆଉ ବାକି ଯାହା ସବୁ କିଛି
ବୋଉଲୋ ତୋର ସବୁ ଅବଦାନ
ତୋ ପାଇଁ ଦୁନିଆ ମୁଁ ଦେଖିଛି ।

କେତେ ଗୁହମୁତ ସେବାତୁ କରିଛୁ
ଏଇ ଜୀବନର ଶିଶୁବେଳେ
ସାତ ସରଗର ସୁଖ ତୁଛ ପଡେ
ସତରେ ବୋଉଲୋ ତୋର କୋଳେ

ଜନମ ଦେଇଛୁ ବଡ଼ତୁ କରିଛୁ
ଛାତିରୁ ନିଗାଡି କ୍ଷୀର ତୋର
ହାତ ଧରିଧରି ଚାଲି ଶିଖାଇଛୁ
ଶିଖାଇଛୁ ମାତୃଭାଷା ମୋର ।

ଖାଇନୁ ପିଇନୁ ଓପାସ ରହିଛୁ
ଏଇ ମୋ ତୁଣ୍ଡରେ ଦାନା ଦେଇ
ମନ ଭାଙ୍ଗିଗଲେ କେତେ ବୁଝେଇଛୁ
ତୋପରି ଜଗତେ ଜଣେ ନାହିଁ ।

ସମୟ ଗଡ଼ିଛି ବୟସ ବଢିଛି
ଆଉ କେବେ ବଡ଼ ହେବି ବୋଉ
ସଞ୍ଜ ଗଡ଼ିଗଲେ ମୋ ପିଲା ଆସିନି
ବାର ବାର ଆସି ଖୋଜୁଥାଉ ।

ସବୁ ପିଲା ତୋର ଆଖିରେ ସମାନ
ପାତର ଅନ୍ତର ଜମା ନାହିଁ
ନିଜ ଚିରା ଲୁଗା କାନିକୁ ଲୁଚେଇ
ନୂଆ ଜାମା କିଣୁ ଆମ ପାଇଁ ।

ବରଷା ରାତିରେ ଛଣ ଛପରରେ
ଧିରେ ଧିରେ ତିନ୍ତୁଥାଏ ଘର
ଛତାଟେ ଘୋଡେଇ ଆମକୁ ଲୁଚାଉ
ଆପେ ଭିଜାଉ ତୁ ଦେହ ତୋର ।

ସାତ ସାଗରକୁ କାଳି କରିଲେବି
ତୋ କଥା ଲେଖିଲେ ସରିବନି
ବୋଉଲୋ ତୋବିନା ଦୁନିଆ ଅନ୍ଧାର
ଆଉ କିଛି କହି ପାରିବିନି ।

+କୁଣ୍ଡିଲୋ ଖୋର୍ଦ୍ଧା

# କବିତାମାଳା



## ହୃଦୟେ ଲେଖିଲି ନାଁ
### ପ୍ରଶାନ୍ତ କୁମାର ନାୟକ



ତୁମ ପାଦଚିହ୍ନ ସାଗର କୂଳରେ
କେତେ ଆଉ ଦେଖୁଥିବି,
ମିଳୁନି ଶାମୁକା ମିଳେନା ମୁକୁତା
କେତେ ଆଉ ଖୋଜୁଥିବି ।

ବୋହିଗଲା ହସ ଲୁହର ନଈରେ
ସ୍ମୃତିରେ ଜଳଇ ମନ ,
ସ୍ୱପ୍ନ ରହିଗଲା ସପନଟେ ହୋଇ
ଚାଲିଗଲୁ ଯେବେ ଧନ ।

ଭଅଁରଟେ ସାଜି ଉଡି ବୁଲୁଥିଲି
ଖୋଜୁଥିଲି ଫୁଲବଣ,
ଏମିତି ଫୁଲରେ ମନ ଛନ୍ଦିହେଲା
ଝୁରେ ଖାଲି ରାତିଦିନ ।

ଆସିଥିଲୁ ଦିନେ ଜୀବନେ ମୋହର
ଭସା ବାଦଲଟେ ସାଜି ,
ଭରଷାରେ ତୋତେ ଦେଇଥିଲି ମନ
ଗଲି ତୋ ପ୍ରେମରେ ଭିଜି ।

ପାଗଳଟେ ଥିଲି ତୋତେ ପ୍ରେମକଲି
ହୃଦୟେ ଲେଖିଲି ନାଁ,
ଏଡେ ସ୍ୱାର୍ଥପର ହୋଇଗଲୁ ପ୍ରିୟା
ମନେ ଜାଳିଦେଲୁ ନିଆଁ ।

❤ୟୁନିଟ୍ -୦୫, ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

## ନୂଆଁ ବିଚାର
### ଦୀପିକା ହୋତା



ନୂଆ ବରଷେ ସଭିଏଁ
ନେବାରେ ଆସ ନୂଆଁ ବିଚାର
କଟୁ କଥା କାହାକୁ କହିବା ନାହିଁରେ
ଭାଷା କରିବା ମିଠା ମଧୁର ।

ଧ୍ୟାନ ବଚନ କରିବା ସଂଯମ
ଭଲ କାମରେ ଦେଇ ମନ
ବୁଝି ବିଚାରି କରିଲେ କାର୍ଯ୍ୟ
ସଫଳ ହେବଟି ଆମରି ଜୀବନ ।

କର୍ମ ଓ କର୍ତ୍ତବ୍ୟ ଆମରି ହାତେ
ପ୍ରାଣ ଦେଇ କରିବା ପରିଶ୍ରମ
କର୍ମ ଜାଣି ଫଳ ମିଳଇ ଭାଇରେ
ନହେବୁ କେବେ କର୍ମେ ପଥଶ୍ରମ ।

ମିଛ ସଂସାରେ ମାୟାର ଜାଳ
ପାଦ ପକେଇବୁ ଭାବି ଭାବି
ଆପଣା ଭାଗ୍ୟ ଆପଣା ହାତେ
ଯତନେ ରଖିବୁ ଭାଗ୍ୟର ଚାବି ।

ବଳିୟାନ କରିବା ଦେହକୁ ଆମ
ଯୋଗ ତପ ବ୍ୟାୟାମରେ
ହେଳା କରିବା ନାହିଁରେ ଭାଇ
ସ୍ୱାସ୍ଥ୍ୟ ସେବା ଯତ୍ନରେ ।

ଧର୍ମର ପଥକୁ ଅନୁସରି ଆମେ
କରିବା ମହତ କାମ
ଉତ୍ତମ ବ୍ୟବହାରେ ମନ ଜିଣଇ
ଜଗତେ ବୋଲାଏ ତାହାରି ନାମ ।

❤ନୂଆପଡା

## ବାପା
### ପୁଷ୍ପାଞ୍ଜଳି ପଣ୍ଡା



ବାପା
ତମେ ଯିବାର
ଅନେକ ବର୍ଷ ନହେଲେ ବି
ଯେଉଁଠି ଶେଷରେ ଶୋଇଯାଇଥିଲ
ସେଠି ସେ ପାଉଁଶ ମିଶା ମାଟିରେ
ଏବେ ଅନେକେ ଅନାବନା ଗଛ।

ନଈ କୂଳ ପଟୁ
ଥଣ୍ଡା ପବନ ଖାଇ
ବେଶ୍ ଝୁଲୁଛି ଏପାଖରୁ ସେପାଖ।
ଭାରି ଛୁଇଁ ବାକୁ ଇଛା ହେଲା
ସେ ଗଛ,ତା ଡାଳ,
ଆଉ ଲମ୍ବା ଲମ୍ବା ତା ପତ୍ରକୁ।

କି ଖରା କି ବର୍ଷା
ସେମିତି ବଢୁଛି
ଖରାରେ ସିଝୁଛି
ବର୍ଷା ରେ ଭିଜୁଛି
ଝଡ ବାତ୍ୟାରେ ଭାଙ୍ଗିଯିବା ପରେ ବି
ପୁଣି ସିଧା ହେଇ ଠିଆହବାର କୌଶଳ
ତାର ଠିକ୍ ତୁମପରି।

ବାପା,
ତୁମେ ନାହଁ, ଭାବି ହେଉନି ,
ଏବେବି ଲାଗୁଛି ମୋ ସହ ଚାଲୁଛ
ମୋ ସହ କଥା ହେଉଛ,
ମୋ ମୁଣ୍ଡ ଆଉଁସି ଦେଇ
ଆଶୀର୍ବାଦର ଅମୃତ ଢାଳୁଛ।

ବିଶ୍ୱ ବ୍ରହ୍ମାଣ୍ଡ ଭିତରେ
ତୁମେ ଥିବାର
ଆସ୍ଥା ଆଉ ବିଶ୍ୱାସ ରେ
ଜୀବନ ଜିଇଁ ହେଉଛି
ଶ୍ରଦ୍ଧାରେ ଶ୍ରାଦ୍ଧ ବାଢୁଛି ।

ତମେ ତ ଜାଣିଛ
ଶ୍ରାଦ୍ଧ ପୁଅ ଦେବ କି ଝିଅ..!
କିଏ ଦବ ଏବେ ଆଉ ଏକ ପ୍ରଶ୍ନ ନୁହେଁ
ବରଂ ଶ୍ରଦ୍ଧା ରେ ପାଣି ଆଞ୍ଜୁଳାଏ ଦେଇ
ଗୋଟିଏ ସ୍ମୃତି ର ଇସ୍ତାହାର ବାଢିଆସୁଛି।

ସେଇ ଅନାବନା ଗଛର
ଫୁଲର ସୁଗନ୍ଧ ପରି
ସୁବାସିତ, ସୁମଧୁର ଆଉ
ଏକାନ୍ତ ନିଜର।।

❤ଜିଲ୍ଲା ପରିଷଦ
କେନ୍ଦ୍ରାପଡ଼ା

## ନିରବି ଯିବ କି ମୋର ସ୍ୱର
### ଅସୀମା ପ୍ରଧାନ

ନିରବି ଯିବ କି ମୋର ସ୍ୱର
ଭଲ କହିବ ଜଗତ ବୋଲି
ଭୁଲିଛି ସବୁ
ଆଶା ଉଦ୍ଦୀପନା ଉତ୍କଣ୍ଠା ବୋଲି କିଛି
ମୁଁ ବୋଲି ମୋ ପରିଚୟ ମୁରୁଛି
ଭଲ ଭେଲକୁ ପାସୋରି
ଦୁଃଖ ସୁଖ ଭେଦ ନ ବାରି
ଶକ୍ତି ସାମର୍ଥ୍ୟ ଆକଳନ ନ କରି
ଡେଇଁ ସଂସାର ବାରିଧି
ନ ଜାଣି ନିଜର ପରିଧି
ନିଜକୁ ଖୋଳପରେ ଲୁଚାଇ
ନୂତନ ଆବରଣରେ ସଜାଇ
ତାଳୁରୁ ତଳିପା ଯାଏ ଘୋଡାଇ
ଅବତୀର୍ଣ୍ଣ ଆବର୍ତ୍ତମାନ ଉତ୍କୃଷ୍ଟ
ଅଭିନେତ୍ରୀର ଭୂମିକାରେ
କୋହ ନ ଥାଇ ଢାଳି ପରେ ଲୁହ
ଆଘାତ ପାଇ ବି ଉଠେନା କୋହ
ନୀରବି ଯାଏ ଓଠର କମ୍ପନ
ଶବ୍ଦ ସବୁ ପାଆନ୍ତିନି ପରାଣ।
ଅଧିକାର ଅହଂ ସବୁ ଛାଡି ଦେଇ
ଅସ୍ତିତ୍ୱ ଆକାଂକ୍ଷା ପୋଛି ଦେଇ
କୋହକୁ ଆଖିରୁ ବୋହିବାକୁ ନ ଦେଇ
ଭଲର ଠିକଣା ଖୋଜି ଖୋଜି
ଜିଅନ୍ତା କଣ୍ଢେଇ ଆଜି ସାଜି
ହରାଇ ନିଜକୁ ପାଇଛି କାହାକୁ
କେବେ ପଚାରିବି କାହାକୁ ।
ସର୍ବସଂହା ଧରିତ୍ରୀ ହୋଇ
ସାଜିଛି ମୁଁ ଏକ ପୋପେଟ୍।

❤ବୀରମହାରାଜପୁର, ସୁବର୍ଣ୍ଣପୁର

## ଧାନ କ୍ଷେତ
### ଭକ୍ତ ଚରଣ ସୁନାନୀ

ଚାଷୀ ହସେ ମନଖୋଲି
ହିଡ଼ ଉପରେ ବସି
ଯେବେ ଫସଲ ଭର୍ତ୍ତି ଧାନକ୍ଷେତ ହସେ
ଶୀତୁଆ ସକାଳେ
ଉଲଗ୍ନ ଶିଶୁ ପରି
ଖିଲିଖିଲି ।

ସୁଲୁସୁଲୁ ପବନରେ ନାଚେ
ପାଚିଲା ଧାନ ଗଛ
ନାଚେ ଚାଷୀମନ
ଗହଗହ ଲାଗେ କ୍ଷେତ
ଆକାଶ ଛାତିରେ ଡେଣା ଝାଡି
ଉଡିଯାଏ ପକ୍ଷୀ
କ୍ଷେତ ଧାରେ ଶୀତ ଗାଏ
ଜୀବନର ଗୀତ ।

ସକାଳର କଅଁଳ ଖରା
ଘାସ ଉପରେ କାକରର ମୋତି
କେଡେ ମନଲୋଭା
ଅପରାଜିତାର ଲତା
ଧାନକଟାର ଦୃଶ୍ୟ
ବାରବାର ଦେଖିବାକୁ ଇଚ୍ଛାହୁଏ
ଫେରେ ନାହିଁ ଆଖି ।

❤ଖୁଣ୍ଟିଆ, ପର୍ଲା
କଳାହାଣ୍ଡି, ଓଡିଶା
ମୋ: ୯୩୩୭୬୭୪୬୭୧

## ଅତୀତ
### ସ୍ୱାବିତ କୁମାର ପାତ୍ର

ମନେ ପଡେ
ଭିଡ଼ ଭିତରେ ହଜିଯାଇଥିବା
ଅଭୁଲା ଶୈଶବ ଅତୀତ
ଆଜି କେବଳ
ଜୀବନଟା ତାରା ଶୂନ୍ୟ ଆକାଶ ।

ସୁଖର ସୂର୍ଯ୍ୟାସ୍ତ
ଦୁଃଖ ଆସ୍ତରଣ ହୃଦୟ
ଅସ୍ଥିର ମନ ପ୍ରାଣ
ଫିକା ଫିକା
ତମାମ୍ ରାତି ଓ ଦିନ ।

ନିର୍ଜନତାରେ
ମୁହୂର୍ତ୍ତ ମାନେ ବି
ମୁହୂର୍ତ୍ତକ ପାଇଁ
କନ୍ଦେଇ ଲୁଚି ଯାଉଛନ୍ତି
ସୁଲ୍-ସୁଲିଆ ପବନରେ
ଘନଘୋର ଅନ୍ଧକାରେ ।

ଏକ୍ଲାପଣକୁ ଏବେ
ଉନ୍ମୁକ୍ତ ସନ୍ଧ୍ୟାରେ ଭୁଲି
ନୂଆ ସକାଳକୁ
ପାଛୋଟି ଆଣିବାର
ଚାଲିଛି ଅଦମ୍ୟ ପ୍ରୟାସ ।

❤ ମେରଘରା, କଳାହାଣ୍ଡି
ମୋ -୮୪୫୬୮୦୩୫୯୦

## ପ୍ରିୟା ଲୋ...
### ତାରାପ୍ରସାଦ ଜେନା



ପ୍ରିୟା ଲୋ......
ଅଧା ଲେଖା ଗୀତ ଯୋଡ଼ିବା ଯେମିତି
ସବୁଠୁ ବହୁତ କଷ୍ଟ
ତୋ ମନ ସେମିତି ଯୋଡ଼ିବାରେ ମୋର
ସମୟ ହେଲାଣି ନଷ୍ଟ
ପ୍ରିୟା ଲୋ......
ଅଧା ଲେଖା ଗୀତ ଯୋଡ଼ିବା ଯେମିତି....!

ପ୍ରୀତି ମଉସୁମୀ ଭାବୁଥିଲି ଯାହା
ବାତ୍ୟାରେ ଧରିଛି ରୂପ
ଆଖିର କଥାକୁ ପଢ଼ିବା ହେଲାନି
ନିଜେ ମୁଁ ଢୋକୁଛି ଛେପ,
କେଡ଼େ ନିରିଦୟା ପାଲଟିଲୁ ଆହା
ମୋ ଲାଗି ରଖିଚୁ କଷ୍ଟ
ପ୍ରିୟା ଲୋ......
ଅଧା ଲେଖା ଗୀତ ଯୋଡ଼ିବା ଯେମିତି....!

ଶାଖାରେ ମୁକୁଳ ଆଶାରେ ବ୍ୟାକୁଳ
ମଧୁର ମଧୁକୁ ଅଳି
ଅଳିର ସପନ ଚୂନା କରିଦେଲା
କୁହେଳି ଅନ୍ଧାର ଗଳି,
ତଥାପି ଦୋଷର ଉଲୁଗୁଣା ଦେଲୁ
ମୁଁ ଗୋଟେ ନିହାତି ଦୁଷ୍ଟ
ପ୍ରିୟା ଲୋ......
ଅଧା ଲେଖା ଗୀତ ଯୋଡ଼ିବା ଯେମିତି....!

ମତେ ତ ଦୁର୍ବଳ ସଜେଇଦେବାରେ
ତୋର କି ରହିଚି ହାତ
ଭଲପାଇବାର ଜୁଇକୁ ସଜାଡୁ
ମତେ କି ଭାବିଚୁ ମୃତ,
ପୁଣ୍ୟର ଗଙ୍ଗା ତୁ ମୋ ପାଇଁ ହେଲୁନି
ତୃଷ୍ଣାରେ ସାଜିଚୁ ତୁଷ୍ଟ
ପ୍ରିୟା ଲୋ......
ଅଧା ଲେଖା ଗୀତ ଯୋଡ଼ିବା ଯେମିତି....!

❤ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦

## ମାପ
### ଡ. ଦୀପକ କୁମାର ମିଶ୍ର



କେମିତି କ'ଣ ମାପିବି ଯେ ଦହଗଞ୍ଜର ଚଉହଦକୁ
ନଛୋଡ଼ବନ୍ଧା ଉଦୁଉଦିଆ ଖରାବେଳଟାରେ
ଏମିତି ବି
ଫିତା କାହିଁ ଯେ ମାପିବାକୁ ଏ ଛାତିର ଦୁଃଖ,
ଫିତା କାହିଁ ପୁନଶ୍ଚ
ମାପିବାକୁ ଭୋକିଲା ପେଟର
ଦାଉଦାଉ ନିର୍ବିକଳ୍ପ ଭୋକ ।

ଦୁଇଶହ ମାପର ତୀବ୍ର ରକ୍ତଚାପରେ ମନ୍ଥିହୋଇ
ଫଟେଇ ବହୁଛି ଏଣେ ପାରଦର ନଈ
ପାଦରେ ମାତୃତ୍ୱ ମାଖି
ଯାହିତାହି ଧାଉଁଛି ଜୀବନ
ଦୁର୍ଦ୍ଦିନ ମଥାନର କାଙ୍ଗାଳ କଳଙ୍କକୁ
ସବୁଦିନେ ପୋଛିଦେବା ପାଇଁ ।

କେମିତି ମାପିବି କୁହ ଅପପୁଷ୍ଟିର ଅଦ୍ଭୁତ ଉଚ୍ଚତା,
ଦାରୁଣ ଖର୍ବକାୟ ଦୈର୍ଘ୍ୟ, ପ୍ରସ୍ଥ, ଲମ୍ବର
ଘୋର କାର୍ପଣ୍ୟତା
କେମିତି ଧାଇଁବ ଗୋଡ଼
ବେଡ଼ିପକା ଧଇଁସଇଁ ହୀନସ୍ତା ପାଦରେ
କେମିତି ମାପିବି ପୁଣି
ଶୁଷ୍କପ୍ରାୟ ପିତୃପଣର ନିରୁତା ସତ ଗଭୀରତା ।

ହାର ମାନି ମାପୁଥିଲି
ଶେଷରେ ମୋ ନିଜ ବିବଶତା,
ଆଖିଲୁହରେ ଭିଜେଇ
କୋଳାହଳପୂର୍ଣ୍ଣ ମୋ ନିଜ ନିରବତା ।

❤ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ହସର ଅବିର ଆଖିଲୁହ ଧାର
### ପ୍ରଶାନ୍ତ କୁମାର ଦାଶ



ତମେ ମୋ ଓଠର ହସର ଅବିର
ଆଖିର ତରଳ ଲୁହ
ଜୀବନ ରାତିର ଜହ୍ନ ତାରାଫୁଲ
ସମୟନଈର ସୁଅ ।

ମୁଁ ତୁମ ଗଭାର ଗୋଲାପ ସଜନୀ
ରହିଥିବି ଦିନ ରାତି
ମଉଳିବ ନାହିଁ ସବୁ ବାଧା ସହି
ସତେଜ ଥିବି ମୁଁ ସାଥୀ ।

ମୋ ମନ ମରମ ତଳେ ତମେ ଥାଅ
ଖୁସୀର ଝରଣା ହେଇ
ଦେଖିବି ସପନ ମୁଁ ସାରା ଜୀବନ
ତୁମକୁ ପାଖରେ ପାଇ ।

ତୁମରି ମୁଖର ଚିତ୍ରିତ୍ ଛବିକୁ
ଦେଖି ଦେଖି ପଡେ ଶୋଇ
ଦେବ ତମଭରା ଜୀବନେ ଆଲୋକ
ପ୍ରିୟସଖୀଟିଏ ହୋଇ ।

ଲମ୍ବାଇ ଦିଅ ମୋ ଗଳାରେ ସଜନୀ
ସଜ ସୁମନର ହାର
ପୋଛିଦିଆ ଆସି ତୁମ ପଣତରେ
ମୋ ଆଖିର ଲୁହଧାର ।

❤କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋ: -୯୬୬୮୮୨୨୧୯୦

## ଜୀବନଟି ଏକ ପାଠାଗାର
### ପ୍ରତିଭା ଦାଶ



ଜୀବନଟି ଗୋଟିଏ ପାଠାଗାର
ଅନେକ ବହି ସାଇତି ରଖା ହେଇଛି
କେଉଁ ବହି ଦିଏ ଦୁଃଖ ଯନ୍ତ୍ରଣା
ତ କିଏ ଆସେ ହସ ଖୁସୀର ବାର୍ତ୍ତା ନେଇ ।

ପ୍ରତି ବହିରେ ଗୋଟେ ଗୋଟେ କାହାଣୀ
ପ୍ରତି କାହାଣୀରେ ଭରି ରହିଛି
ମନକୁ ଛୁଇଁଲା ଭଳିଆ
ଅନେକ ହୃଦୟସ୍ପର୍ଶୀ ମନଲୋଭା ଚରିତ୍ର ।

ସେଇ ଚରିତ୍ର ଜୀବନର ମୋଡ଼ ବଦଳାଏ
କେତେବେଳେ କୋହ ଭରା
ଆଖିରୁ ଝରାଏ ଲୁହ
ଆଉ କେବେ ଆନନ୍ଦର ଅଶ୍ରୁ
ମାତ୍ର ପ୍ରତି ଚରିତ୍ରର ଭୂମିକା ନିଆରା ।

ମଣିଷ ନିଜକୁ ତୋଳି ନିଏ ଚରିତ୍ରକୁ ଦେଖି
ମାପିନିଏ ନିଜର ଚାରିପାଖର ଦୂରତ୍ୱକୁ
ବୁଝିଯାଏ ତା'ର ଲକ୍ଷ୍ୟ, କର୍ତ୍ତବ୍ୟ
ରହେ ସିଏ ଆଦର୍ଶ ଭରା
ଅନୁଶାସନ ମଧ୍ୟରେ ।

ମଣିଷ ଯଦି ସେଇ ଚରିତ୍ରରେ
ବଶୀଭୂତ ନ ହୁଏ ତେବେ
ନା ହୋଇ ପାରିବ ଗୋଟେ ସୁନାଗରିକ
ନା ପାଇବ ଜଗତରେ ସମ୍ମାନ
ସବୁଠାରେ ଅପମାନିତ,
ଲଜ୍ଜିତ ହେବା ସୁନିଶ୍ଚିତ ।

❤ନୂଆପଡ଼ା
ମୋ: ୭୮୯୪୫୨୮୪୯୩

## ଚିହ୍ନା ଲାଗୁଥିବା ମୁହଁ
### ସରୋଜ କୁମାର ସାହୁ



ସେବେଠୁ କହିନାହିଁ କାହାକୁ
ତୁମକୁ ପସନ୍ଦ ଲାଗୁଥିବା ଫୁଲ
ତାର ରଙ୍ଗ କଥା
କି ଦେଇ କର ଗାଢ଼ ଆଉ ଫିକା
କେମିତି ଆଙ୍କ ଛବି
ଆଙ୍କୁଆଳେ,ବିନା ତୂଳୀରେ ।

କେବେ ଆସ
କେବେ ପୁଣି ଲୁଚିଯାଅ
ବେଳ ଅବେଳରେ ବି ମୁଁ ଖୋଜେ
ତୁମକୁ ନ ଜଣେଇ
ଗହଳି ନିଛାଟିଆ ଏବଂ ଗୋପନେ
ନଈ ଭୂଇଁ ଛାଇର ଆକାଶେ ।

ମିଛ ବି ଲାଗେ ସତପରି
ପୁରନ୍ତା ପାପୁଲି ମୋର
ସଦା ଢଳଢଳ
ପାଉଁଜିର ମୃଦୁ ଆଘାତ
ଚୁଡ଼ିର ରାଗିଣୀ
ବାଟ କାଟି ନିଏ ମୋତେ
ଠିକ ସେଇ ଆଡ଼କୁ
ଆଜିକାଲି,ମୁଁ ଭୁଲି ଯାଏନି କିଛି
ଚେହେରା ସେ ଝିଅଟିର ।

କିଏ ଅଦୃଶ୍ୟ ହାତର
ତୂଳୀଧରି ଅହରହ ଆଙ୍କୁଥାଏ
ମୋତେ, ମୋ ପାଖେ
ଛାତିରେ ଅସ୍ପଷ୍ଟ ଛବିଟିଏ
ଦୁଇଆଖି ମୁଦା ହେଉ କି ମୁକୁଳା
ମୁହଁଟି ଦିଶେ ହସହସ
ଅଫୁଟା କଢ଼ିଟେ ପରି ।

ସଭିଏଁ ଚାହାଁନ୍ତି ସେବେଠୁ
ଅପଲକ ନେତ୍ରେ
ସବୁଜ ଗଛର ଆବରଣ
ପାହାଡ଼ର ବିସ୍ତାର ଛାଇ
ଉଡ଼ନ୍ତା ଦଳେ ପକ୍ଷୀ
ବାସ୍
ଦେଖି ପାରେନି କାହାକୁ ମୁଁ
ଦେଖେ ଖାଲି ତୁମକୁ
ସେ ଚିହ୍ନା ଚିହ୍ନା ମୁହଁଟିକୁ ।।

❤ଖୁଣ୍ଟୁଣୀ, ଆଠଗଡ, କଟକ
୯୩୪୮୫୭୫୨୨୪

## ତୁମେ ଓ ମୁଁ
### ରମାକାନ୍ତ ଦାସ

ମୋ ଦୁନିଆର ସବୁଯାକ ଲକ୍ଷ୍ୟ,
କେବଳ ତୁମରି ପାଇଁ—
ସେ ତୁମେ ପରା!

ହେଲେ ମୁଁ ଜାଣିନି,
ତୁମ ପୃଥିବୀର ପରିଧି ଭିତରେ
ମୋର ଛାଇଟିଏ ବି କେଉଁଠି ଅଛି କି ନାହିଁ?

ମୋ ଆଖି ଦୁଇଟି ସବୁବେଳେ
ତୁମରି ସତ୍ତାକୁ ହିଁ ଖୋଜୁଥାଏ,
ହେଲେ ତୁମ ନଜର ପାଖରେ ମୁଁ ଅଦୃଶ୍ୟ...
ଖୁବ୍ ପାଖରେ, ଗୋଟେ ନିଶ୍ୱାସର
ଦୂରତାରେ ଥାଇ ବି।

ତୁମେ ମତେ କଷ୍ଟ ଦିଅ,
ଆଉ ପୁଣି ଭରସା ରଖ ଯେ—
ମୁଁ ସବୁବେଳେ ତୁମରି ଅପେକ୍ଷାରେ ଥିବି।

ତୁମ ପାଇଁ ହୁଏତ ମୁଁ ଗୋଟେ
'ଖେଳନା' ମାତ୍ର,
କିନ୍ତୁ ମୋ ପାଇଁ
ତୁମେ ହିଁ ମୋର ପୂରା ବ୍ରହ୍ମାଣ୍ଡ।

ସତ କହିଲେ ମୁଁ ବୁଝିପାରୁନି—
ମୁଁ ତୁମ ଦ୍ୱାରା ବ୍ୟବହୃତ
ହେଉଥିଲି ନା ଆଦୃତ?
ମୁଁ ବିଶ୍ୱାସ ପାଇଥିଲି ନା
କେବଳ ପ୍ରତାରଣା?

ତଥାପି, ମୁଁ ତୁମକୁ ଭଲପାଏ
ସବୁକିଛିଠାରୁ ଅଧିକ।

ମୁଁ ଜାଣିଥିଲି,
ତୁମେ କେବେ ମୋ ପ୍ରେମର
ଯୋଗ୍ୟ ନଥିଲ,
କିନ୍ତୁ ମୁଁ ତୁମକୁ ଭଲ
ପାଉଥିଲି, ପାଉଛି—
ଆଉ ପାଉଥିବି ମୋ
ଶେଷ ନିଶ୍ୱାସ ଯାଏଁ।

❤ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

# ଲୋକାରଣ୍ୟ ହେଲା ବିଏମ୍‌ସିର ଦ୍ୱିତୀୟ ପଥ ଉତ୍ସବ

ଭୁବନେଶ୍ୱର , ୧୯/୧ (ନି.ପ୍ର): ନୃତ୍ୟ, ଗୀତରେ ଦୁଲୁକିଲା ବରମୁଣ୍ଡା-ଜାଗମରା ନୂଆ ରାସ୍ତା । ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆୟୋଜିତ ଦ୍ୱିତୀୟ ପଥ ଉତ୍ସବରେ ଝୁମିଲେ ଦର୍ଶକ । ଦୀର୍ଘ ଏକ କିଲୋମିଟର ବ୍ୟାପି ମେଲିଥିଲା ମନୋରଂଜନର ପସରା । ସକାଳୁ ସକାଳୁ ଭୁବନେଶ୍ୱରକୁ ପ୍ରବଳ ଶୀତ ଓ କୁହୁଡି ପୁରା ଆଚ୍ଛାଦନ କରି ରଖିଥିଲା । ଭୋର ସାଢେ ୫ ଟାରୁ ଗର୍ଜିଥିଲା ବିଏମ୍ ସି ପକ୍ଷରୁ ଆୟୋଜିତ ପଥ ଉତ୍ସବର ବକ୍ସ ସାଉଣ୍ଡ । ବକ୍ସ ସାଉଣ୍ଡ ଯେତିକି ଯେତିକି ଗର୍ଜନ କରୁଥାଏ, ଦର୍ଶକଙ୍କ ଭିଡ ସେତିକି ସେତିକି ଜମୁଥାଏ । ସକାଳ ୬ଟା ବେଳକୁ ବରମୁଣ୍ଡା-ଜାଗମରା ନୂଆ ରାସ୍ତା ଲୋକାରଣ୍ୟ ହୋଇପଡିଥିଲା । ବିଏମ୍ ସି ପକ୍ଷରୁ ଅନୁଷ୍ଠିତ ଦ୍ୱିତୀୟ ପଥ ଉତ୍ସବରେ ଦୁଲୁକି ଥିଲା ବରମୁଣ୍ଡା-ଜାଗମରା ନୂଆରାସ୍ତା । ହଜାର ହଜାର ଲୋକଙ୍କର ସୁଆ ଛୁଟିଥିଲା । ୩୦ ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ, ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ବିଏମ୍ ସି କମିଶନର ଶ୍ରୀ ଚଂଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ବହୁ କର୍ପୋରେଟର ମଂଚାସୀନ ଥିଲେ । ୨୦୨୫-୨୬ ମସିହାର ଏହି ଦ୍ୱିତୀୟ ପଥ ଉତ୍ସବ ମଂଚ ଉପରେ ରଖାଯାଇଥିବା ଗଛରେ ପାଣି ଦେଇ ଅତିଥିମାନେ ସବୁଜ ଭୁବନେଶ୍ୱରର ବାର୍ତ୍ତା ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅତିଥିମାନଙ୍କ ଅଭିଭାଷଣ ପରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ପଥ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ । ମଂଚ ଉପରକୁ ପ୍ଲେ ବ୍ୟାକ୍ ସିଙ୍ଗର ଦୀପ୍ତିରେଖା ପାଢୀ ଉଠିବା ମାତ୍ରେ ମତୁଆଲ୍ଲା ହୋଇଉଠିଥିଲେ ଦର୍ଶକ। ଭୁବନେଶ୍ୱରକୁ ସରସ ସୁନ୍ଦର ଚିତ୍ତାକର୍ଷକ କରିବାକୁ ହେଲେ, ଆମକୁ ସ୍ୱଚ୍ଛ, ସବୁଜ ଓ ସଚେତନ ହେବାକୁ ପଡିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଂପ୍ରତି ବାୟୁମଣ୍ଡଳ ଦିନକୁ ଦିନ ପ୍ରଦୂଷଣ ହେବାରେ ଲାଗିଛି । ସେଥିପାଇଁ ଭୁବନେଶ୍ୱରବାସୀ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ ଉପସ୍ଥିତ ଅତିଥି ବୃନ୍ଦ । ଆଜିର ମଣିଷ କର୍ମତତ୍ପରତା ମଧ୍ୟରେ ବୁଡି ରହି ମନୋରଂଜନଠାରୁ ଦୂରେଇ ଯାଉଛି । କର୍ମର ଚାପରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛି । ସେହି କର୍ମମୟ ଜୀବନରୁ ଟିକିଏ ସମୟ ବାହାର କରି ମନୋରଂଜନର ଖୋରାକ ଯୋଗାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ତିନୋଟି ଜୋନରେ ଏହିପରି ପଥ ଉତ୍ସବ ଆୟୋଜନ କରିଆସୁଛନ୍ତି ବୋଲି କହିଥିଲେ ମେୟର ।

ଚଳିତ ଶୀତ ଋତୁରେ ମାଷ୍ଟର କ୍ୟାଣ୍ଟିନଠାରେ ଅନୁଷ୍ଠିତ ପ୍ରଥମ ପଥ ଉତ୍ସବ ଅପେକ୍ଷା ଆହୁରି ରଙ୍ଗାରଙ୍ଗ ତଥା ନୂଆ ନୂଆ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାମିଲ କରାଯାଇଥିଲା । ବିଶେଷ କରି ଛୋଟ ଛୋଟ ଶିଶୁଙ୍କ ପାଇଁ ଏଥର ଅଧିକ ଖେଳକୁଦ ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ସ୍ଥାନରେ ଲାଗିଥିବା ଫେସ୍ ପେଣ୍ଟିଂ ଷ୍ଟଲରେ ଯେତିକି ଭିଡ ଜମିଥିଲା, ତାଠାରୁ ଆହୁରି ଭିଡ ଜମିଥିଲା ଚିତ୍ରାଙ୍କନ ଷ୍ଟଲଗୁଡିକରେ । କୁନି କୁନି ଶିଶୁମାନେ ଚିତ୍ରାଙ୍କନ କରିବା ପାଇଁ ଠାଆକୁ ଠଆ ଧାଡିବାନ୍ଧି ବସିପଡିଥିଲେ । ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ରଙ୍ଗ ବେରଙ୍ଗ ଝୋଟିରେ ପୁରା ରାସ୍ତା ରଙ୍ଗୀନ ହୋଇଉଠିଥିଲା । ଭୁବନେଶ୍ୱରରେ ରହିଥିବା ଲୁକାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଦୁଇ ଦୁଇଟି ଭୁବେନେଶ୍ୱର ଗଟ୍ ଟ୍ୟାଲେଣ୍ଟ ମଂଚରେ ଧୁମ୍ ମଚାଇଥିଲେ ଭୁବନେଶ୍ୱରବାସି । ଶହ ଶହ ଶିଶୁ, କିଶୋର, କିଶୋରୀ, ଯୁବକ, ଯୁବତୀ ମଂଚ ଦୁଲୁକେଇ ଦେଇଥିଲେ । ହଜାର ହଜାର ଦର୍ଶକଙ୍କ କରତାଳିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା । କେବଳ ସେତିକି ନୁହେଁ, ଦ୍ୱିତୀୟ ମଂଚରେ ମଧ୍ୟ ଡିଜେର ତାଳେ ତାଳେ ମତୁଆଲ୍ଲା ହୋଇଥିଲେ ଦେଖଣାହାରୀ । ପାରମ୍ପାରିକ ନୃତ୍ୟ, ଗୀତ ଓ ଖେଳକୁଦ ସହ ମାଲଖମ୍ବ, ଯୋଗ, କିଡ୍ସ କିଙ୍ଗଡମ୍, ପଜଲ ଗେମ୍, ଲୁଡୁ, ବାଘ ନାଚ ଓ ୩୬୦ ଡିଗ୍ରୀ କ୍ୟାମେରାର ମଜ୍ଜା ନେଇଥିଲେ ଭୁବନେଶ୍ୱରବାସି । ସାଇକେଲିଂ, ସ୍କେଟିଂ ସହ ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଖେଳକୁଦର ବ୍ୟବସ୍ଥା କରାଯାଇଥିଲା । ଦୀର୍ଘ ୧ କିଲୋମିଟର ବ୍ୟାପି ରାସ୍ତା କିଛି ସମୟ ପାଇଁ ଏକ ମେଳାର ଭ୍ରମ ସୃଷ୍ଟି କରିଥିଲା ।

ପ୍ରଥମ ମଂଚରେ ପ୍ଲେ ବ୍ୟାକ୍ ସିଙ୍ଗର ଦୀପ୍ତୀରେଖା ପାଢୀ, ଜୟଶ୍ରୀ ଧଳ ଓ ନାରାୟଣ ଦତ୍ତଙ୍କ ଗୀତର ତାଳେ ତାଳେ ଝୁମିଥିଲେ ଦର୍ଶକ । ମାଘମାସର ହାଡଭଙ୍ଗା ଜାଡରେ ଭରପୁର ମଜ୍ଜା ଉଠାଇଥିଲେ ଦେଖଣାହାରୀ । ଉପସ୍ଥିତ ଦର୍ଶକ ଗୀତର ତାଳେ ନାଚି ନାଚି ବେଦମ୍ ହୋଇପଡିଥିଲେ ।

ଏହା ବ୍ୟତୀତ ପଥପ୍ରାନ୍ତ ନୃତ୍ୟ, ପାରମ୍ପାରିକ ନୃତ୍ୟର କଳାକାରଙ୍କ ସହ ସେଲ୍ଫି ନେବାକୁ ଭୁଲି ନଥିଲେ ଦେଖଣାହାରୀ । ମଂଚ ଓ ମଂଚ ବାହାରେ ଚାଲିଥିବା ବିଭିନ୍ନ ଦୃଶ୍ୟକୁ ନିଜ ମୋବାଇଲରେ ବାନ୍ଧି ରଖିବାକୁ ଦେଖଣାହାରୀଙ୍କ ମଧ୍ୟରେ ଚାଲିଥିଲା ପ୍ରବଳ ପ୍ରତିଯୋଗିତା। । କେହି କେହି ନିଜ ନିଜ ଚ୍ୟାନେଲରେ ଲାଇଭ୍ ମଧ୍ୟ କରୁଥିବା ଦେଖିବାକୁ ମିଳିଥିଲା । ଧନ୍ୟବାଦ ଦେଇଥିଲେ ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ରଣସିଂହ । ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ ଏବଂ ଶ୍ରୀ କୈଳାସ ଚନ୍ଦ୍ର ଦାସ କ୍ଷ ଟିମ୍ ବି ଏମ୍ ସି ର ସମସ୍ତ କର୍ମଚାରୀ ଭିନ୍ନ ଦାୟିତ୍ୱ ସୂଚାରୁ ରୂପେ ନିଭାଇଥିଲେ ସଫେଇ କର୍ମୀଙ୍କ ସହଯୋଗରେ ସଙ୍ଗେ ସଙ୍ଗେ ସଫେଇ କରଯାଇଥିଲା ପଥ ଉତ୍ସବ ସ୍ଥଳ । ଫେବୃଆରୀ ୧ ତାରିଖ ରବିବାର ସକାଳୁ ଇଙ୍ଫୋସିଟିଠାରେ ହେବ ଚଳିତ ଶୀର ଋତୁର ଶେଷ ପଥ ଉତ୍ସବ ।

# ମୌସୁମୀର ଶିଶିର କବିତା ଆସର



କେନ୍ଦ୍ରାପଡା, ୧୯/୧ (ନି.ପ୍ର): ଜିଲ୍ଲାର ପ୍ରମୁଖ ସାହିତ୍ୟ ସଂଗଠନ ମୌସୁମୀ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଗତ ରବିବାର ଦିନ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ବିଶିଷ୍ଟ ଶିକ୍ଷାବିତ୍ ଓ ପରିଷଦର ସଭାପତି ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ଜନ୍ମୋତ୍ସବ ପାଳନ ସହ ଏକ ଭବ୍ୟ ଶିଶିର କବିତା ଆସର ଅନୁଷ୍ଠିତ ହେଇଯାଇଛି ।ଏହି ଅବସରରେ ଜିଲ୍ଲାର ବିଭିନ୍ନ ସାହିତ୍ୟଅନୁଷ୍ଠାନ,ଶିକ୍ଷାବିତ୍ ଓ ବୁଦ୍ଧିଜୀବି ମାନଙ୍କ ତରଫରୁ ଉପଢୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନକରି ଶ୍ରୀ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି ଉପଲକ୍ଷେ ଆୟୋଜିତ ସଭା ରେ ପରିଷଦର ସମ୍ପାଦକ ଡ ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଓ ଉଦେଶ୍ୟଜ୍ଞାପନ ପ୍ରଦାନ କରିଥିଲା ବେଳେ, ବିଶିଷ୍ଟ ସାହିତ୍ୟକାର ଡ଼ ବାସୁଦେବ ଦାସ,କବି ପ୍ରେମାନନ୍ଦ ଖଣ୍ଡୁଆଳ କବି ଭବାନୀ ମହାପାତ୍ର,କବି ବୃନ୍ଦାବନ ଦାସ,ଡ଼ ଗିରିଶ କୁମାର ପାତ୍ର, ଡ଼ ପ୍ରଭାକର ମଲ୍ଲିକ,ଡ଼ ପ୍ରମୋଦ ଦାସ,ଡ ପ୍ରଦୀପ୍ତ କୁମାର ଦାଶ,ସାହିତ୍ୟ ସଂଗଠକ ସରୋଜ କୁମାର ମହାନ୍ତି,ଭୁବନ ମୋହନ ଜେନା,ମନ୍ମଥ କୁମାର ବରାଳ,ନିରଞ୍ଜନ ମେକାପ, ହେମନ୍ତ କୁମାର ଜେନା,ଶଶିକାନ୍ତ ଦାସ, ସଞ୍ଜୟ କୁମାର ମଲ୍ଲିକ, ଅମର ପ୍ରସାଦ ରାଉତ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ ।ଦ୍ୱିତୀୟ ଅଧିବେଶନରେ କବି ନାରାୟଣ ପତି,କବି ସ୍ୱପ୍ନାଂଶୁ ଦାସ,କବି ଅଜୟ କୁମାର ପାତ୍ର,କବି ରଞ୍ଜନ ବାଇ, କୃଷ୍ଣଚନ୍ଦ୍ର ମହାପାତ୍ର,କବି ମନୋରଞ୍ଜନ ତ୍ରିପାଠୀ,କବି ଅଶୋକ ସାହୁ,କବି ନିରୁପମା ଦାସ,କବି ଶ୍ରୀଧର ମହାନ୍ତି ଆଦି ତିରିଶରୁ ଉର୍ଦ୍ଧ କବିସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।ମୌସୁମୀର ସହଯୋଗୀ ସମ୍ପାଦକ ତଥା କେମର ସଭାପତି ଅକ୍ଷୟ କୁମାର ପାଣି ସଭା ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧାପକ ଶିଶିର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରାଜ୍ୟ ପ୍ରତିନିଧି ଦଳର ପରିଦର୍ଶନ

ନୂଆପଡ଼ା, ୧୯/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ପ୍ରତିନିଧି ଦଳ ପରିଦର୍ଶନ କରିଛନ୍ତି। ସେମାନେ ବର୍ଜ୍ୟବସ୍ତୁ ପ୍ରଶମନ, ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଉନ୍ନତ ବ୍ୟବସ୍ଥା, ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଖୋଲା ସ୍ଥାନରେ ଉଦ୍ୟାନ ନିର୍ମାଣ କରିବ ପାଇଁ ଆହ୍ୱାନ କରିଛନ୍ତି। ସେହିପରି ମିଶନ ଶକ୍ତି କେଫେ ପରିଦର୍ଶନ କରି ରୋଗୀଙ୍କୁ ଆବଶ୍ୟକ ଖାଦ୍ୟ ଯୋଗାଣ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବର୍ଜ୍ୟବସ୍ତୁ ଉପଯୁକ୍ତ ପ୍ରଶମନ କରିବା ପାଇଁ ଆହ୍ୱାନ କରିଛନ୍ତି। ଏହି ଗସ୍ତରେ ରାଜ୍ୟ ପ୍ରତିନିଧି ଦଳ ମଧ୍ୟରେ ଡଃ. ଅମରେଶ ମିଶ୍ର, ଏନ୍‌ସିଡ଼ି ରାଜ୍ୟ ସଂଯୋଜକ ଲାଲିତ ମୋହନ ସାହୁ, ହୀରାଲାଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ଓଡିଆ ଚଳଚ୍ଚିତ୍ର ‘ପରୀ’ର ଅଡିଓ ଲୋକାର୍ପିତ: ଜାନୁୟାରୀ ୩୦ରେ ବଡ଼ ପରଦାରେ ଶୁଭମୁକ୍ତି




ଭୁବନେଶ୍ୱର, ୧୯/୧ (ନି.ପ୍ର): ଆସନ୍ତା ୩୦ ଜାନୁଆରୀରେ ନୂଆ ଓଡିଆ ଚଳଚ୍ଚିତ୍ର ‘ପରୀ‘ ବଡ଼ ପରଦାରେ ମୁକ୍ତିଲାଭ କରିବ । ସେହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସ୍ଥିତ ପ୍ରେସ୍ କ୍ଲବଠାରେ ପରୀ ଟିମ୍ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ସଞ୍ଜୟ ମହାନ୍ତି, ନିର୍ଦ୍ଦେଶକ ତ୍ରିପତି ସାହୁ, ସଂଳାପକାର ଡଃ ରଜନୀ ରଞ୍ଜନ, ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଭାଇ, ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଟୁଟୁ ନାୟକ, ଟିକି ପଟ୍ଟନାୟକ, ଅଭିନେତା ଜ୍ୟୋତି ରଞ୍ଜନ ନାୟକ, ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ପଶ୍ଚିମ ଓଡିଶାକୁ ଦୁଲୁକଉଥିବା କଣ୍ଠଶିଳ୍ପୀ ରୁକୁ ସୁନା, ଡାକ୍ତର ରୋହନ ବିଶ୍ୱାଳ, କୋରିଓଗ୍ରାଫର ଅମିତ ନାୟକ, ଅଭିନେତା ନୀଳମଣି ସାହୁ, ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି । ‘ପରୀ’ ଏକ ନିରୀହ, କୋମଳ ଫୁଲ କଢି । ତାକୁ ନେଇ ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର । ମାତ୍ର ଅକାଳରେ ସେ ଝରି ପଡିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ । ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡିଯାଇଛି ବିଚରା ବାପାମାଆଙ୍କର । ହେଲେ ପରିଶେଷରେ କ’ଣ ପରୀ କୁ ନ୍ୟାୟ ମିଳିଛି ? ଏଭଳି ଏକ ସ୍ପର୍ଶକତାର କାହାଣୀ ଉପରେ ପରୀ ର କାହାଣୀ ଗତିଶୀଳ । କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି । ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ । ସଂଳାପ ଡଃ ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରମୋଦ ପରିଡା ରଚନା କରିଥିବା ଗୀତଗୁଡିକୁ ଗାୟକ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି । ଧ୍ରୁବାନନ୍ଦ ପଣ୍ଡା (ଲିଟୁ) ଡିଓପି ରହିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା କରିଛନ୍ତି । ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ । କୋରିଓଗ୍ରାଫର ଏସ୍ କେ ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ରହିଛନ୍ତି । ଏହି ଫିଲ୍ମରେ ବହୁ ଅଭିଜ୍ଞ ଆର୍ଟିଷ୍ଟ ଯଥା- ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ବିଶାଲ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି । ତେବେ ପରୀ ଆସନ୍ତା ୩୦ ଜାନୁଆରୀ ରେ ମୁକ୍ତିଲାଭ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଛି ଏବଂ ସାରା ଓଡିଶାର ପୂର୍ଣ୍ଣ ପ୍ରେକ୍ଷାଳୟରେ ଦର୍ଶକ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛି ।

## ବେଟି ବଂଚାଅ, ବେଟି ପଢାଅ କାର୍ଯ୍ୟକ୍ରମ

ଗଞ୍ଜାମ, ୧୯/୧ (ନି.ପ୍ର): ଶେରଗଡ ବ୍ଲକ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁ ବିକାଶ ଯୋଯନା ପକ୍ଷରୁ ସିଡିପିଓ ମମତାଂଜଳୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବେଟି ବଂଚାଅ, ବେଟି ପଢାଅ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତହୋଇଯାଇଛି। କାର୍ଯ୍ୟକ୍ରମକୁ ବିଡିଓ ତୃପ୍ତିମୟୀ ଜେନା ଉଦଘାଟନ କରିଥିଲେ ।ଏଥିରେହରିହରପାଢି,ଦଲ୍ଲୀପଦଲାଇ ସମୀରକୁମାରପ୍ରଧାନ, ନିବେଦିତା ପ୍ରଧାନ, ଭାଗ୍ୟଲତାସାହୁ,ଦିଲ୍ଲୀପ କୁମାର ତ୍ରିପାଠୀ, ସୁବ୍ରତ କୁମାର ପଣ୍ଡା, ଅଜୟକୁମାର ପଟ୍ଟନାୟକ, ଅତିଥି ରୂପେ ଯୋଗଦେଇ ଥିଲେ । ୧୪ରୁ ୨୧ ବର୍ଷ ଝିଅ ପିଲାମାନଙ୍କ ପାଇଁ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଅତିଥିମାନେ ବକ୍ତବ୍ୟ ରଖଥିଲେ। ଲିଡବ୍ୟାଙ୍କ ପରିଚାଳକ ଝିଅମାନଙ୍କ ପାଇଁ ସାତଦିନରୁ ତିନିମାସ ମଧ୍ୟରେ ଲିଡବ୍ୟାଙ୍କ ପକ୍ଷରୁ ତାଲିମ ବ୍ୟବସ୍ଥା ସୂଚନା ଦେଇ ବ୍ୟାଙ୍କ ମାଧ୍ୟମରେ ସ୍ୱଳ୍ପ ସୁଧରେ ଋଣ ଗ୍ରହଣ କରି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଉପଦେଶ ଦେଇଥିଲେ । ବାଲ୍ୟ ବିବାହ ରୋକିବା ପାଇଁ ସାମୁହିକ ଶପଥ ପାଠ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ସର୍ମିଳା ପାତ୍ର, ଶୁଭମ କୁମାର ସାହୁ ଓ ରାଜା ସାହୁଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇ ଏକ ହଜାର ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିବଶଂକର ଆଚାରୀ ଅଂଚଳ ପରିଦର୍ଶିକା ଓ ଅଂଗନବାଡି କର୍ମୀମାନେ ସୁପରିଚାଳନା କରିଥିଲେ ।

# ବେକରେ ଫାଶି ଲଗାଇ ଯୁବକ ମୃତ: ପୁଲିସର ତଦନ୍ତ ଜାରି

ଧର୍ମଶାଳା, ୧୯/୧ (ନି.ପ୍ର): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ମହେଶ୍ୱରପୁର ପଂଚାୟତ ଚାନ୍ଦପୁର ଗ୍ରାମରେ ଅଘଟଣ। ବେକରେ ଫାଶି ଲଗାଇ ଯୁବକ ମୃତ। ମୃତକ ଜଣକ ହେଲେ ଚାନ୍ଦପୁର ଗ୍ରାମର ସନାତନ ବାରିକଙ୍କ ପୁଅ ସୁରେନ୍ଦ୍ର(୩୫) ବୋଲି ଜଣାପଡ଼ିଛି। ଏନେଇ ବ୍ରହ୍ମବରଦା ଥାନାରେ ପରିବାର ପକ୍ଷରୁ ଅଭିଯୋଗ ପରେ ପୁଲିସ ମୃତ ଦେହକୁ ଜବତ କରି କେସ୍ ନଂ. ୨୧୨୬ରେ ଏକ ଅପମୃତ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯାଇଥିବା ବ୍ରହ୍ମବରଦା ଥାନା ଏଏସ୍ଆଇ ଲକ୍ଷ୍ମୀଧର ରାଜ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବ୍ରହ୍ମବରଦା ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ସୁରେନ୍ଦ୍ର ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ବଚସା ହୋଇଥିଲା। ସେହିଦିନ ଠାରୁ ସୁରେନ୍ଦ୍ର ଚିନ୍ତାରେ ଥିଲେ। ତେବେ ରବିବାର ସକାଳେ ଘର କବାଟ ଖୋଲା ହେବା ବିଳମ୍ବ ହେବାରୁ ପରିବାର ଲୋକେ ସାହି ପଡ଼ିଶାଙ୍କୁ ଜଣାଇଥିଲେ। ପଡ଼ିଶା ଲୋକେ ଘର କବାଟ ଭାଙ୍ଗି ସୁରେନ୍ଦ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ବ୍ରହ୍ମବରଦା ଥାନାରେ ଅଭିଯୋଗ ପରେ ପୁଲିସ ମେଡ଼ିକାଲରୁ ଶବ ଜବତ କରି ଏକ ଅପମୃତ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଉକ୍ତ ମେଡିକାଲରେ ଭର୍ତି କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବା ପରେ ସନ୍ଧ୍ୟାରେ ଶେଷକୃତ ସମ୍ପନ୍ନ କରାଯାଇଥିଲା। ମୃତ ସୁରେନ୍ଦ୍ରଙ୍କର ୩ଟି ଝିଅ ଥିବାବେଳେ ସେ ଏକ ହେଟେଲରେ କାର୍ଯ୍ୟରତ ଥିଲେ। ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳି ଯାଇଛି।

# ତିରିଂ ବ୍ଲକସ୍ତରୀୟ ବାର୍ଷିକ ସମ୍ମିଳନୀ ଓ ଶ୍ରୀ ଶ୍ରୀ ଠାକୁରଙ୍କ ୧୩୮ତମ ଜନ୍ମ ମହୋତ୍ସବ

ରାଇରଙ୍ଗପୁର, ୧୯/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ତିରଂ ବ୍ଲକସ୍ତରୀୟ ଶ୍ରୀ ଶ୍ରୀ ଠାକୁରଙ୍କର ୧୩୮ତମ ଜନ୍ମମହାମହୋତ୍ସବ ତଥା ବ୍ଲକସ୍ତରୀୟ ବାର୍ଷିକ ଉତ୍ସବ ଆଜି ବଡଡାଲିମା ସତସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୋଲକ ବିହାରୀ ଆଚାର୍ଯ୍ୟ (ସ.ପ୍ର.ର) ସଭାପତିତ୍ୱ କରିଥିଲେ । ଅନ୍ୟାନ୍ୟ ବକ୍ତାମାନଙ୍କ ମଧ୍ୟରୁ ସ.ପ୍ର.ର ବାବାଜୀ ଖୁଂଟିଆ, ନିଗମାନନ୍ଦ ପଟ୍ଟନାୟକ ଓ ଚିତ ରଂଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରାତଃ ସମୟରେ ପ୍ରଭାତ କୀର୍ତନ, ପରେ ସମବେତ ପ୍ରାର୍ଥନା କରାଯାଇଥିଲା । ବଡଡାଲିମା, ରତନସାହି ସତସଙ୍ଗ କେନ୍ଦ୍ର ଠାରୁ ଏକ ସୁଶୋଭିତ ରଥ ଦ୍ୱାରା ବଡଡାଲିମା ବଜାରରେ ନଗର କୀର୍ତନ କରି ଭକ୍ତମାନେ ନଗର ପରିକ୍ରମା କରିଥିଲେ । ୧୧ଟା ୩୦ ମିନିଟ ସମୟରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା ପ୍ରଥମେ ସତ୍ୟାନୁସରଣ ତ୍ରିଲୋକାନନ୍ଦ ଆଚାର୍ଯ୍ୟ ପାଠ କରିଥିଲା ବେଳେ ନାରୀର ନୀତି ବୃନ୍ଦାବନ ମହାନ୍ତ (ଯାଜକ) ପାଠ କରିଥିଲେ ।

ସର୍ବଶ୍ରୀ ନିଲୁରାନୀ ସାହୁ, ରାମେଶ୍ୱର ସାହୁ, ବର୍ଷାରାଣୀ ମହାନ୍ତ, ପ୍ରତାପ ଚରଣ ପଶୁପାଳକ ଓ ମଳୟ ଦତ ପ୍ରମୁଖ ଭଜନ ଓ କୀର୍ତନ ପରିବେଷଣ କରିଥିଲେ । ବକ୍ତାମାନେ ଶ୍ରୀ ଶ୍ରୀ ଠାକୁରଙ୍କୁ ନେଇ ଜୀବନରେ କିପରି ବ୍ୟକ୍ତିଜୀବନ, ପାରିବାରିକ ଜୀବନ, ସମାଜ ଓ ରାଷ୍ଟ୍ର ଜୀବନରେ ସୁଧାର ଆଣି ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଆନନ୍ଦ ଓ ଶାନ୍ତି ସ୍ଥାପନ କରିପାରିବେ, ସେ ସଂପର୍କରେ ବିଶେଷ ଭାବେ ଗୁରୁତ୍ୱ ଆରୋପ କରିଥିଲେ କ୍ଷ ଉଦାହରଣ ସହ ଶ୍ରୀ ଶ୍ରୀ ଠାକୁରଙ୍କର ବାଣୀ ଓ ଜୀବନୀ ବିଷୟରେ ଆଲୋଚନା କରି ତାଙ୍କର ଆଦର୍ଶକୁ ଗ୍ରହଣ କରି ନିଜ ଜୀବନରେ ଜଣେ ଆଦର୍ଶବାନ ହେବାକୁ ପ୍ରେରଣା ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରୁ କର୍ମୀମାନେ ଯୋଗ ଦେଇଥିଲେ । କମଳାକାନ୍ତ ମହାନ୍ତ, ଲକ୍ଷମନ ଗିରି, ଗଗନଧ୍ୱଜ ମହାନ୍ତ, ଅଟଳ ବିହାରୀ ଦାସ, ମନ୍ମଥ ମହାନ୍ତ, ବିଭୂତି ଭୂଷଣ ଜ୍ୟୋତିଷୀ, ସନ୍ତୋଷ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ । ମା ମାନଙ୍କୁ ନେଇ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତ ତଥା ଟାଟା, ଖରସୁଆଁ, ଷଢେଇକଳା ଇତ୍ୟାଦିରୁ ୫ ଶହରୁ ଉର୍ଦ୍ଧ୍ୱ ଯୋଗ ଦାନ ଦେଇ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବହୁ କର୍ମୀଙ୍କ ସହାୟତାରେ କାର୍ଯ୍ୟକ୍ରମ ସଫଳ ହୋଇପାରିଛି । ସେମାନେ ହେଲେ ସୁଦୀପ୍ତ କୁମାର ସାହୁ, ଜନ୍ମେଜୟ ମଣ୍ଡଳ, ଅଶୋକଚନ୍ଦ୍ର ସାହୁ, ଶିରିଶ ଚନ୍ଦ୍ର ଥୟାଲ, ଗୋପିନାଥ ସାହୁ, ବାସୁଦେବ ସିଂ, ସଂଜିତ କୁମାର ଥୟାଲ ଓ ହରେକୃଷ୍ଣ ସାହୁ ପ୍ରମୁଖ ।

# ବ୍ଲକ ସ୍ତରୀୟ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମାଲକାନଗିରି, ୧୯/୧ (ନି.ପ୍ର): ଚିତ୍ରକୋଣ୍ଡା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ଏକ ଦିବସୀୟ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପଂଚାୟତ ସମିତି ଉନ୍ନୟନ ଅଧିକାରୀ ଶ୍ରୀମତୀ ପ୍ରିତା କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ଶ୍ରୀମତୀ ପ୍ରିତା କୁମାର ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ ଏବଂ ସେ ତାଙ୍କର ପ୍ରାରମ୍ଭିକ ଅଭିଭାଷଣରେ କହିଥିଲେ ଯେ ବିଭିନ୍ନ ପ୍ରକଳ୍ପଗୁଡିକରେ ଦୀର୍ଘମିଆଦି ଓ ଗୁଣାତ୍ମକ ମାନ ରକ୍ଷାକଲେ ଆମ୍ଭେମାନେ ୨୦୩୦ ମସିହା ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ ସାଧନ କରିପାରିବା । ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ଉପନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳାଇ, ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ସୁଚିତ୍ରା ମାଝୀ ଏବଂ ପିରାମଲ ଫାଉଣ୍ଡେସନର ଜିଲ୍ଲା କାର୍ଯ୍ୟକ୍ରମ ମୁଖ୍ୟ ରାଜାରାମ ମଲ୍ଲିକ ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଶିକ୍ଷଣ କାର୍ଯ୍ୟକ୍ରମରେ ନଟବର ଗରଡା, ତହସିଲଦାର, ଚିତ୍ରକୋଣ୍ଡା ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ସରକାରି ସେବାରେ ସମୟାନୁବର୍ତୀ ହେବାପାଇଁ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପଂଚାୟତ ସମିତିର ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

# ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନୂଆପଡ଼ା, ୧୯/୧ (ନି.ପ୍ର): ନୂଆପଡା ଜିଲ୍ଲା ସଦର ମହକୁମାରେ ଜାତୀୟ ଭୋଟର ଦିବସ– ୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଧୁସୂଦନ ଦାଶ, ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଆସନ୍ତା ତା ୨୫.୦୧.୨୦୨୬ ରିଖ ଦିନ ପାଳିତ ହେବାକୁ ଥିବା ଜାତୀୟ ଭୋଟର ଦିବସର ଗୁରୁତ୍ୱ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରାଇଥିଲେ। ବିଶେଷ କରି ଯୁବ ଓ ପ୍ରଥମ ଥର ଭୋଟରମାନଙ୍କ ମଧ୍ୟରେ ଭୋଟର ସଚେତନତା ସୃଷ୍ଟି ପାଇଁ ସମନ୍ୱିତ ଓ ସମୟୋଚିତ କାର୍ଯ୍ୟପନ୍ଥା ଗ୍ରହଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଡେପୁଟୀ କଲେକ୍ଟର ନିର୍ବାଚନ ଶେଖ୍ ନସିମ ପ୍ରସ୍ତୁତି ବିବରଣୀ ଉପସ୍ଥାପନ କରିଥିଲେ କ୍ଷ ଏହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜାତୀୟ ଭୋଟର ଦିବସ ଜିଲ୍ଲା ମୁଖ୍ୟାଳୟ ଠାରେ ପାଳନ କରାଯିବ। ଏହି ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏସପି ଅଫିସ ଯାଏଁ ଏବଂ ସେଠାରୁ ସଭାବନା ସଭାଗୃହ, ଯେଉଁଠି ସଭା ଅନୁଷ୍ଠିତ ହେବ, ସେହି ପର୍ଯ୍ୟନ୍ତ ଏକ ଭୋଟର ସଚେତନତା ରାଲି ଆୟୋଜନ କରାଯିବ କ୍ଷ ଜିଲ୍ଲା କ୍ରୀଡା ଅଧିକାରୀ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ରାଲିରେ ଶତାଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରାଯିବ। ଦିବସ ଅବସରରେ ଉଭୟ ନିର୍ବାଚନ ମଣ୍ଡଳୀରୁ ଶ୍ରେଷ୍ଠ ନିର୍ବାଚନ କର୍ମଚାରୀଙ୍କ ଚୟନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ ଜଣେ ଲେଖାଏଁ ଶ୍ରେଷ୍ଠ ବିଏଲଓ, ବିଏଲ ଓ ସୁପରଭାଇଜର ଏବଂ ଏ ଇ ଆର୍‌ଓଙ୍କୁ ସମ୍ମାନିତ କରାଯିବ। ଏହାବ୍ୟତୀତ ଦୁଇଜଣ ନୂତନ ଭୋଟର ଓ ଦୁଇଜଣ ଶତାୟୁ ଭୋଟର, ଉଭୟ ପୁରୁଷ ଓ ମହିଳା ବର୍ଗରେ ସମ୍ମାନିତ କରାଯିବ। ଦିବସ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କୁଇଜ୍, ତର୍କ ଓ ନିବନ୍ଧ ପ୍ରତିଯୋଗିତା ଆୟୋଜନ କରାଯିବ। ସଭାରେ ଭୋଟର ଶପଥ ଗ୍ରହଣ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ହେବ। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ଏବଂ ଉପ- ଜିଲ୍ଲାପାଳ ସୁର୍ମି ସୋରେନ୍ ସମଗ୍ର କାର୍ଯ୍ୟକ୍ରମର ନିରୀକ୍ଷଣ କରିବେ। ଆଜିକାର ବୈଠକରେ ଏମାନଙ୍କ ସହ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ ଦ୍ୱାରିକା ନାଥ ଶତପଥୀ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ଡିଏସପି ରମାକାନ୍ତ ଜେନା, ବିଡିଓ ରୋହିତ ଭୋଇ, ଅଧ୍ୟକ୍ଷ ଡିଆଇଇଟି ନରୋତମ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ନୂଆପଡା ଏନ୍ଏସିଇଓ ଶ୍ରୀନିବାସ ମିର୍ଦ୍ଧା, ଟିଏସଆଇ ପ୍ରଜ୍ଞା ପରିମିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ଭୋଟର ଦିବସ ଅବସରରେ ଜନ ସାଧାରଣଙ୍କୁ ଭୋଟଦାନର ମହତ୍ୱ ସମ୍ବନ୍ଧରେ ସଚେତନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ।

# ଜାଲଶୁଖା ସ୍କୁଲର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣି ଉତ୍ସବ

ଧର୍ମଶାଳା, ୧୯/୧ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କୁମାରୀ ପଂଚାୟତ ଜାଲଶୁଖା ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ସନ୍ତୋଷ କୁମାର ବେହେରା ଯୋଗଦେଇ ପିଲାମାନଙ୍କ ଖେଳକୁ ଉପଭୋଗ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୁଖ୍ୟବକ୍ତା ଭାବେ ସିଏମସି ନିରଞ୍ଜନ ଦେହୁରୀ ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠ ସହିତ ସାଠକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ୩୫ଜଣ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ । ଅୟୋଜିତ କ୍ରୀଡା ପ୍ରତିଯୋଗିତାରେ ପଂଚମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀପ୍ରିୟା ସାମଲ ଚଳିତ ବର୍ଷ ଚମ୍ପିୟାନ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଜୁଲି ନାୟକ, ଗଙ୍ଗା ଦେହୁରୀ, ବାବୁ ଦାସ, ଅଞ୍ଜନା ଦେହୁରୀ, ପୁଷ୍ପ ଦେହୁରୀ, ଝୁନି ଦେହୁରୀ, ଦମୟନ୍ତୀ ସାମଲ, କୋଇଲି ସାମଲ, ସସ୍ମିତା ଦେହୁରୀ, ମିନା ଦେହୁରୀ, ଗେଡି ଦେହୁରୀ, ତାରିଣୀ ନାୟକ, ଲିଲି ଦେହୁରୀ ପ୍ରମୁଖ ଯୋଗଦେଇଥିଲେ ।

# ଖୋର୍ଦ୍ଧା ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା , ୧୯/୧ (ନି.ପ୍ର): ଜିଲ୍ଲା ସଦର ମହକୁମା ଟି ଏଲ ସି ରୋଡ଼ ବି ଡି ଏ ପଡ଼ିଆରେ ଆରମ୍ଭ ହୋଇଥିବା ପଲ୍ଲୀଶ୍ରୀ ମେଳା ଓ ସୁଭଦ୍ରା ମେଳାର ଆଜି ଦ୍ୱିତୀୟ ସନ୍ଧ୍ୟାରେ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା । ଓଡ଼ିଶାର ବିଶ୍ୱ ବିଦିତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତିର ଏବଂ ଓଡ଼ିଆ ଅସ୍ମିତାର କିମ୍ବଦନ୍ତୀ ଓଡ଼ିଶୀ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା । ସମ୍ବଲପୁର ଜିଲ୍ଲାର ପାରମ୍ପାରିକ ପୁରାତନ ସମ୍ବଲପୁରୀ ନୃତ୍ୟ ସଙ୍ଗୀତ ଏବଂ ଖୋର୍ଦ୍ଧା ଜିଲ୍ଲାର ପାଇକ ମାନଙ୍କର ବୀରତ୍ୱର ଗାଥା ପାଇକ ଯୋଦ୍ଧା ଯୁଦ୍ଧ ତଥା ପାଇକ ଆଖଡ଼ା ନୃତ୍ୟ ବହୁ ସଂଖ୍ୟାରେ ଦର୍ଶକ ମାନେ ଉପଭୋଗ କରିଥିଲେ । ଜିଲ୍ଲାର ବହୁ ଦୂରଦୂରାନ୍ତରୁ ମା ମାନେ ଏବଂ ଜନସାଧାରଣ ମେଳା କୁ ଆଗମନ ହେବାସହ ବହୁ ଜନ ସମାବେଶ ଦେଖିବାକୁ ମିଳିଛି । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଏହି ପଲ୍ଲୀଶ୍ରୀ ମେଳା ଓ ସୁଭଦ୍ରା ମେଳା ଚାଲିଥିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ହୋଇଥିବା ବେଳେ ଜନ ସାଧାରଣ ମାନେ ଗ୍ରାମୀଣ ଉତ୍ପାଦ କ୍ରୟ କରିବାରେ ସୁଯୋଗ ପାଇ ପାରିବେ । ସାଂସ୍କୃତିକ କାର୍ଯ୍ୟକ୍ରମରେ କୁଲଦୀପ ପଟ୍ଟନାୟକ, ସାନୋଜ୍ କୁମାର ଏବଂ ଜେଡ୍ ଫାୟାର ଡାନ୍ସ ଗ୍ରୁପ୍ ର ଟିମ୍ ଅଂଶ ଗ୍ରହଣ କରିଥିଲେ।

# ଛତିଶଗଡ଼ର ବିଜାପୁରରେ ପ୍ରେସର ଆଇଇଡି ବିସ୍ଫୋରଣରେ ଜଣେ ଯୁବକଙ୍କ ମୃତ୍ୟୁ

ରାୟପୁର, ୧୯/୧ ଛତିଶଗଡ଼ର ବିଜାପୁର ଜିଲ୍ଲାର ଉସୁର ଥାନା ଅଞ୍ଚଳର କସ୍ତୁରିପଡ଼ା ଜଙ୍ଗଲରେ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ନକ୍ସଲମାନଙ୍କ ଦ୍ୱାରା କରାଯାଇଥିବା ଚାପ ଆଇଇଡି ବିସ୍ଫୋରଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ପୋଲିସ ଅଧୀକ୍ଷକ ଜିତେନ୍ଦ୍ର ଯାଦବ ଘଟଣାର ସତ୍ୟାସତ୍ୟ ପ୍ରକାଶ କରିଛନ୍ତି ।ବିଜାପୁର ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଘଟଣା ଜାନୁଆରୀ ୧୮, ରବିବାର ସନ୍ଧ୍ୟାରେ ଘଟିଛି । ପୋଲିସ କହିଛି ଯେ ମୃତକ ଆୟତା କୁହରାମି (୨୦) କସ୍ତୁରିପଡ଼ା ଗାଁରେ ରହୁଥିଲେ । ପୋଲିସ ଅନୁଯାୟୀ, ଆୟତା କୁହରାମି ଜଙ୍ଗଲ ଅଞ୍ଚଳ ଆଡକୁ ଯାଉଥିବା ସମୟରେ ମାଓବାଦୀମାନଙ୍କ ଦ୍ୱାରା ଲଗାଯାଇଥିବା ଏକ ଚାପ ଆଇଇଡି ଉପରେ ପାଦ ଦେଇଥିଲେ, ଯାହା ବିସ୍ଫୋରଣ କରିଥିଲା । ଯୁବକ ଜଣକ ଗୁରୁତର ଆହତ ହୋଇଥିଲେ ଏବଂ ତାଙ୍କ ଦୁଇ ଗୋଡରେ ଗଭୀର ଆଘାତ ଲାଗିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନିର୍ମାଣ ବିଭାଗର...

ଏଥି ସହିତ ବର୍ତ୍ତମାନ ଜାରି ରହିଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯେପରିକି ଭୁବନେଶ୍ୱର ଭିଡ଼ ନିୟନ୍ତ୍ରଣ ପାଇଁ ଜୟଦେବ ବିହାର-ନନ୍ଦନକାନନ ସମେତ ମୋଟ ୩୭ ଗୋଟି ରାସ୍ତା ପ୍ରକଳ୍ପ, କୋରାପୁଟ-ଜୟପୁର, ବ୍ରହ୍ମପୁର-ଜୟପୁର, ନମୋ ଏକ୍ସପ୍ରେସ୍ ୱେ ଏବଂ ଅଟଳ ଏକ୍ସପ୍ରେସ୍ ୱେ ଆଦି ପାଇପ୍‌ଲାଇନ୍‌ରେ ଥିବା ବିଭିନ୍ନ ପ୍ରକଳ୍ପକୁ ସମୟ ଅବଧି ମଧ୍ୟରେ ସାରିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥି ସହିତ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସମୟରେ ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ, ୟୁଟିଲିଟି ସିଫଟିଂ ଆଦି କିଭଳି ସହଜରେ କରିହେବ ସେଥି ନେଇ ଆଲୋଚନା ହୋଇଥିଲା ।

### ମହାପ୍ରଭୁଙ୍କୁ ବି ଛାଡ଼ିଲେନି...

ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ ଓ ସେବାୟତ । ଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁଙ୍କ ଉପରେ କ୍ରେନ୍‌ରେ ଦୁଗ୍ଧ ଢାଳିବା ଭଳି କୌଣସି ବିଧି ନଥିବାରୁ, ଏହା ଶ୍ରୀମନ୍ଦିରର ପରମ୍ପରା ସଂପର୍କରେ ଭ୍ରମ ସୃଷ୍ଟି କରିପାରେ ! ବୋଲି ଆଶଙ୍କା ପ୍ରକାଶ ପାଇଛି । ମହାପ୍ରଭୁ ଜଗନ୍ନାଥ ଜଗତର ଠାକୁର । ତାଙ୍କୁ ନିଜ ନିଜ ଅନୁସାରେ କଳ୍ପନା କରିବା ଅଧିକାର ସମସ୍ତଙ୍କର ଅଛି । କିନ୍ତୁ ନୀତି ଓ ପରମ୍ପରାକୁ ନେଇ ଭ୍ରମ ସୃଷ୍ଟି କରିବା କେତେ ଯୁକ୍ତିଯୁକ୍ତ ? କ୍ରେନ୍‌ରେ ମହାପ୍ରଭୁଙ୍କୁ ଦୁଗ୍ଧ ସ୍ନାନ କରାଇବା କେତେ ଗ୍ରହଣୀୟ ? ସୋସିଆଲ ମିଡିଆରେ କେତେବେଳେ ଶ୍ରୀମନ୍ଦିର ସଂପର୍କିତ ଭୁଲ୍ ତଥ୍ୟ ପ୍ରଚାର ହେଉଛି, ତ ଆଉ କେତେବେଳେ ଭ୍ରମାତ୍ମକ ଫଟୋ ଓ ଭିଡିଓ । ଶ୍ରୀମନ୍ଦିର ପ୍ରଶାସନର ତମାମ୍ ତତ୍ପରତା ସତ୍ତ୍ୱେ ବନ୍ଦ ହେଉନି ଏଭଳି କାର୍ଯ୍ୟ । ପ୍ରଶ୍ନ ଉଠୁଛି, ଭ୍ରମାତ୍ମକ ଏଆଇ ଭିଡିଓ ନିର୍ମାତାଙ୍କ ବିରୋଧରେ ହେବ କି କାର୍ଯ୍ୟାନୁଷ୍ଠାନ ? ସୋସିଆଲ ମିଡିଆରୁ ଭିଡିଓ ହଟାଇବାକୁ ନିର୍ଦ୍ଦେଶ ଦେବେ କି ସରକାର ? ଏଆଇ ଯୁଗରେ ମନଗଢ଼ା ପରଂପରା ଚିତ୍ରଣ ଉପରେ ରୋକ୍ ଲଗାଇବା ଦିଗରେ ସରକାର କଠୋର ନହେଲେ, ଯିଏ ଯେମିତି ଚାହିଁବ ସେମିତି ଭିଡିଓ ତିଆରି କରି ଭାଇରାଲ୍ କରିବ ।

### ଏସ୍‌ଆଇଆର ପ୍ରସଙ୍ଗରେ ...

କରାଯିବା ଉଚିତ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷମାନେ ପ୍ରାପ୍ତ ଦସ୍ତାବିଜ୍‌ର ରସିଦ୍ ପ୍ରଦାନ କରିବା ଉଚିତ ଏବଂ ନୋଟିସ୍ ପାଇଥିବା ବ୍ୟକ୍ତିମାନଙ୍କ ଅଭିଯୋଗ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି କ'ଣ ନିଆଗଲା ତାହା ଜଣାଇବା ଉଚିତ । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ମାମଲାର ବିଚାର କରିଛନ୍ତି । ଶୁଣାଣି ସମୟରେ ତୃଣମୂଳ କଂଗ୍ରେସ ସାଂସଦ ଡେରେକ୍ ଓବ୍ରାଏନଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ୍ ସିବଲ ଖଣ୍ଡପୀଠଙ୍କୁ କହିଥିଲେ ଯେ ଲୋକମାନଙ୍କୁ ସେମାନଙ୍କ ଜେଜେବାପାଙ୍କ ସହ ବୟସର ପାର୍ଥକ୍ୟ ପାଇଁ 'ତାର୍କିକ ଅସଙ୍ଗତି' ବର୍ଗରେ ନୋଟିସ କରାଯାଇଛି ।

### ଦୁର୍ନୀତି ବିରୋଧରେ ଶୂନ୍ୟ ...

ସରକାର ବିଚାର କରୁଥିବା ହାଇକୋର୍ଟଙ୍କୁ ଜଣାଇଛନ୍ତି ଆଡଭୋକେଟ ଜେନେରାଲ୍ । କିନ୍ତୁ ସୂଚନା ଅଧିକାରୀ କର୍ମୀଙ୍କ କହିବା କଥା, ଆଇନ ସଂଶୋଧନ ଏକ ବାହାନା ! ସମୟ ଗଡ଼ାଇବାର ଉଦ୍ଦେଶ୍ୟ ଅନ୍ୟ କିଛି ! ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ପଦ ପାଇଁ ନାଁ ସୁପାରିସ କରନ୍ତି ସର୍ଚ୍ଚ କମିଟି । ବର୍ତ୍ତମାନର ୬ ଜଣିଆ ସର୍ଚ୍ଚ କମିଟିକୁ ୨୧ ଫେବ୍ରୁଆରି ୨୦୨୪ରେ ଗଠନ କରିଥିଲେ ପୂର୍ବର ବିଜେଡି ସରକାର । ଏହି ସର୍ଚ୍ଚ କମିଟିର କାର୍ଯ୍ୟକାଳ ଆସନ୍ତା ଫେବ୍ରୁଆରି ୨୦ରେ ସରୁଛି । ତେଣୁ ହୁଏତ ତା ପରେ ହିଁ, ସରକାର ନିଜେ ନୂଆ ସର୍ଚ୍ଚ କମିଟି ଗଢ଼ି ଲୋକାୟୁକ୍ତ ନିଯୁକ୍ତି ପ୍ରକ୍ରିୟା ଆଗକୁ ବଢ଼ାଇବାକୁ ଚାହୁଁଛନ୍ତି ।

### ୩ ଦିନରେ ସମାଧାନ...

ହୋଇନାହିଁ, ସେମାନେ ଡିଜିଟାଲ ମାଧ୍ୟମରେ ନିଜ ତଥ୍ୟ ଦେଖିପାରିବେ ଓ ଆବେଦନର ସ୍ଥିତି ଜାଣିପାରିବେ । ଆଗାମୀ ଦିନରେ ଆୟୁଷ୍ମାନ ଭାରତ ସଂପର୍କିତ ସମସ୍ତ ଡାଟା ଓଡ଼ିଆ ଭାଷାରେ ଉପଲବ୍ଧ ହେବ, ଯାହା ଫଳରେ ସାଧାରଣ ଲୋକଙ୍କୁ ଯୋଜନା ବୁଝିବା ଓ ସୁବିଧା ନେବା ଅଧିକ ସହଜ ହେବ । ଏଥିପାଇଁ ୩ ଟି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼ ଓ ସହଜଗମ୍ୟ କରାଯିବ ବୋଲି ଆଶା କରାଯାଉଛି ।

### ନନ୍ଦନକାନନରେ...

ଏହି ବିଶେଷଜ୍ଞ ଦଳ ଭିତରେ ମୋଟ ୫୫ ଜଣ ପକ୍ଷୀ ବିଶେଷଜ୍ଞ, ଛାତ୍ର ଏବଂ ଅଧିକାରୀ ଅଂଶଗ୍ରହଣ କରିଥିଲେ । ଦଳଗୁଡ଼ିକ ଅଭୟାରଣ୍ୟ ମଧ୍ୟରେ କାଞ୍ଜିଆ ହ୍ରଦ, କିଆକାନି ହ୍ରଦ, ବଡ଼ବଙ୍କପଟା ଏବଂ କଟୁରିଘସା ପାଟା ସମେତ ପ୍ରମୁଖ ଆର୍ଦ୍ରଭୂମି, ଚୁଡଙ୍ଗା ସଂରକ୍ଷିତ ଜଙ୍ଗଲ ଏବଂ କୃଷ୍ଣନଗର ସଂରକ୍ଷିତ ଜଙ୍ଗଲରେ ଅନେକ ଛୋଟ ଏବଂ ବଡ଼ ଜଳାଶୟ ସର୍ଭେ କରିଥିଲେ ।

# ଉଦଳା ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ରର ୨୭ତମ ବାର୍ଷିକ ଉତ୍ସବ

## ଓଡ଼ଶୀ ନୃତ୍ୟ ପାଇଁ ବିଦେଶରେ ରହିଛି ଓଡ଼ିଶାର ପରିଚୟ : ପ୍ରମିଳା ପଣ୍ଡା



ଉଦଳା , ୧୯/୧ (ନି.ପ୍ର): ଉଦଳା ସହର ମଧ୍ୟରେ ଗଢ଼ି ଉଠିଥିବା ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ରର ୨୭ତମ ବାର୍ଷିକ ଉତ୍ସବ ଆଜି ଜାନୁଆରି ୧୮ ତାରିଖ ରବିବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ଓଡ଼ଶୀ ନୃତ୍ୟ ଶିକ୍ଷା କେନ୍ଦ୍ରର ଗୁରୁମା ଦିଗବାଳା ପରିଡ଼ାଙ୍କ ଅବଦାନକୁ ଉଦଳା ମାଟି ଭୁଲିପାରିବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ବର୍ତମାନର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଓଡ଼ଶୀ ନୃତ୍ୟ ପାଇଁ କିପରି ବିଦେଶରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇ ପାରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଗୁରୁମା ଦିଗ୍ ?ବାଳା ପରିଡ଼ା ନୃତ୍ୟ ଶିକ୍ଷା କେନ୍ଦ୍ରର ଦିର୍ଘ ୨୭ ବର୍ଷର ଇତିହାସ ବର୍ଣ୍ଣନା କରିବା ସହ ଏହାର ରଜତ ଜୟନ୍ତି ଉତ୍ସବ କିପରି ଧୁମ୍ ଧାମରେ ପାଳିତ ହୋଇଥିଲା ଅବଗତ କରାଇଥିଲେ । ମଂଚରେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଉଦଳା ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ କର ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଓଡ଼ଶୀ ନୃତ୍ୟ ଓଡ଼ିଆ ସଂସ୍କୃତିର ଏକ ପରିଚୟ କହିବା ସହ ଏଥିପାଇଁ ଆମକୁ ଓଡ଼ିଆ ବୋଲି ପରିଚୟ ଦେବାରେ ଗର୍ବ ଅନୁଭୂତ ହୋଇଥାଏ ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ଓଡ଼ଶୀ ନୃତ୍ୟ ପରିବେଷିତ ହେବା ସହିତ ବାର୍ଷିକ ଉତ୍ସବର ଯବନିକା ପଡ଼ିଥିଲା ।

# ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶତାୟୁ କମ୍ୟୁନିଷ୍ଟ ନେତା ସୁଧାକାର ବାରିକଙ୍କ ସ୍ମୃତିସଭା



ଭଦ୍ରକ , ୧୯/୧ (ନି.ପ୍ର): ଧୁଷୁରୀ/ଧାମନଗରଭଦ୍ରକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶତାୟୁ କମ୍ୟୁନିଷ୍ଟ ନେତା,ବିପ୍ଳବୀ ସାଗର ଭୂୟାଁ ଙ୍କ ସହଯୋଗୀ, ସ୍ୱାଧୀନ ଧୁଷୁରୀ ଭୂଖଣ୍ଡ ର ଅନ୍ୟତମ ଯୋଦ୍ଧା ସୁଧାକର ବାରିକ୍ ଙ୍କ ପ୍ରଥମ ମୃତ୍ୟୁ ବାର୍ଷିକ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ଦଇପୁର ଗ୍ରାମରେ ଅବସରପ୍ରାପ୍ତ ଅଧ୍ୟାପକ ରବିନ୍ଦ୍ର କୁମାର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ଚାରଣ ସଭାରେ ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଓଡିଶା କୃଷକ ସଭା ଧାମନଗର ବ୍ଲକ ସଭାପତି ଯୁଧିଷ୍ଠିର ମହାପାତ୍ର, ସିପିଆଇ(ଏମ) ଧୁଷୁରୀ ଆଞ୍ଚଳିକ କମିଟି ସଂପାଦକ ରମେଶ ସାହୁ, ସିପିଆଇ(ଏମ) ନେତା ମାର୍କଣ୍ଡ ଜେନା, କଂଗ୍ରେସ ନେତା ରମେଶ ଚନ୍ଦ୍ର ବେହେରା, କୃଷକ ନେତା ସତ୍ୟମୂର୍ତ୍ତି ବେହେରା, ସମାଜସେବୀ ବିଦ୍ୟାଧର ବାରିକ୍, ଶିକ୍ଷକ ନେତା ଚିତ୍ରଭାନୁ ଦାଶ, ଶିକ୍ଷାବିତ୍ କହ୍ନେଇ ଚରଣ ବିଲାସ, ଶିକ୍ଷାବିତ୍ ଅଭୟ କୁମାର ନାୟକ, ସମାଜସେବୀ ସୁଧାକର ଯେନା, ଅବସରପ୍ରାପ୍ତ କୃଷି ଅଧିକାରୀ ରାମ କୁମାର ରାୟ, ଶାଆଁଳପୁର ଗାନ୍ଧୀ ସ୍ମୃତି କମିଟି ସଂପାଦକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସମାଜସେବୀ ରଞ୍ଜନ ମହାନ୍ତି, ଯୁବ ସମାଜସେବୀ ମାନସ ରଞ୍ଜନ ସାହୁ,ସମାଜସେବୀ ଅନୀଲ କୁମାର ରାଉତ, ସମାଜସେବୀ ସୁନିଲ ବିହାରୀ ସାହୁ,ପାଳସାହି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନୀଲ ଦାସ, ଯୁବନେତା କୈଳାସ ଚନ୍ଦ୍ର ବାରିକ୍, ଯୁବନେତା ପ୍ରଶାନ୍ତ ସାହୁ, ସମାଜସେବୀ ଧନେଶ୍ୱର ବେହେରା, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସମାଜସେବୀ ପ୍ରଭାକର ଦଳାଇ, ଅଧ୍ୟାପକ ତ୍ରିଲୋଚନ ଦାସ, ସମାଜସେବୀ ଅନନ୍ତ କିଶୋର ମହାନ୍ତି, ସମାଜସେବୀ କୁଳମଣି ବାରିକ୍ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ସୁଧାକର ବାରିକଙ୍କ ସ୍ମୃତି ଚାରଣ କରିବା ସହ ଯୁକ୍ତରାଷ୍ଟ୍ର ଆମେରିକାର ସାମ୍ରାଜ୍ୟବାଦ, ଭାରତରେ ଚାଲିଥିବା କର୍ପୋରେଟ-ସାଂପ୍ରଦାୟିକ କୁଚକ୍ର ଓ ଓଡ଼ିଶାରେ ଚାଲିଥିବା ସାଂପ୍ରଦାୟିକ ଭିଡହତ୍ୟା ବିରୁଦ୍ଧରେ ସଂଗ୍ରାମ କରିବାକୁ ବକ୍ତା ମାନେ ଆହ୍ୱାନ ଜଣାଇଥିଲେ । ଏହି ସ୍ମୃତି ଚାରଣ ସଭାରେ ଧୁଷୁରୀ ଓ ଧାମନଗର ଅଞ୍ଚଳର ଶତାଧିକ ଶିକ୍ଷକ, କୃଷି ଶ୍ରମିକ, କୃଷକ, ଶ୍ରମିକ ଓ ଛାତ୍ର ଛାତ୍ରୀ ଯୋଗଦେଇଥିଲେ ।

# ବିଶିଷ୍ଟ ପାଲା ଗାୟକ ଲକ୍ଷ୍ମୀଧର ଦେଙ୍କ ଦେହାନ୍ତ

ଜଳେଶ୍ୱର, ୧୯/୧ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଚକର୍ଜୁନି ଗ୍ରାମର ଲକ୍ଷ୍ମୀଧର ଦେଙ୍କ ୭୧ ବର୍ଷ ବୟସରେ ଭୋର ୫ ଟା ସମୟରେ ହଠାତ୍ ଦେହାନ୍ତ ଘଟିଛି ।ସେ ଜଣେ ଏକା ଧାରରେ ପାଲା ଗାୟକ,ପଖାଞ୍ଜ ବାଦକ ତଥା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହିତ ମଧ ଜଡିତ ଥିଲେ । କଳାକାର ଭତ୍ତା ମଧ ପାଉଥିଲେ ।ଏକ ମାତ୍ର ପୁଅ ଜୟ ନାରାୟଣ ଦେ ବାଙ୍ଗାଲୋର ରେ ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟରତ ଥିଲା ବେଳେ ଖବର ପାଇ ଫ୍ଲାଇଟ ଯୋଗେ ସଂଧ୍ୟାରେ ଆସି ପହଂଚି ମୁଖାଗ୍ନୀ ଦେଇଥିଲେ ।ଏକ ମାତ୍ର ଝିଅ ରାଧାରାଣୀ ସର୍ଦ୍ଦାରବନ୍ଧ ପଞ୍ଚାୟତ ଗହିରାପୋଖରୀ ଗ୍ରାମରେ ଆଜକୁ ପ୍ରାୟ ୭ ବର୍ଷ ପୂର୍ବରୁ ବିବାହ ଦିଆଯାଇଥିଲା ।ସେ ମଧ ଆସି ପହଞ୍ଚି ବାପାଙ୍କ ଶେଷ ଦର୍ଶନ କରିଥିଲେ ।ଏହି ମୃତ୍ୟୁ ଖବର ପାଇ ଗ୍ରାମ ମୁଖ୍ୟ କାର୍ତ୍ତିକେଶ୍ୱର ପାତ୍ର,ଜିଲ୍ଲା ପରିଷଦ ଉପାଧକ୍ଷା ଆନୁଷୟା ପ୍ରଧାନ, ସରପଞ୍ଚ ତପନୀ ଭୂୟାଁ,ସଦସ୍ୟା ମଧୁମିତା ମହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁ,ସମାଜ ସେବୀ ଶ୍ରୀକଣ୍ଠ ମାହାନ୍ତି,ୱାର୍ଡ଼ ସଭ୍ୟ ମଧୁସୁଦମ ପ୍ରଧାନ,ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ,ପଦ୍ମ ଲାଭ ପ୍ରଧାନ,ଲେଲିନ୍ କୁମାର ପ୍ରଧାନ,ରାଜେନ୍ଦ୍ର ନାରାୟଣ ଦାସ,ମଧୁସୁଦନ ପ୍ରଧାନ,ୱାର୍ଡ଼ ସଭ୍ୟା ସୁଲୁଚନା ଦାସ,ମନୋଜ କୁମାର ପ୍ରଧାନ,କଳାକାର ସଂଘ ପକ୍ଷରୁ ବ୍ରଜ ବଲ୍ଲବ ସାହୁ,ରାଧା ରଞ୍ଜନ ବେହେରା,ବ୍ରଯେନ୍ଦ୍ର ସାମଲ ଦେବେନ୍ଦ୍ର ବେହେରା,ଲକ୍ଷ୍ମୀ ଧର ବେହେରା,ରମେଶ ଚନ୍ଦ୍ର ଦାସ,ବିଜୟ ଗିରି ପ୍ରମୁଖ ପହଞ୍ଚି ପରିବାରକୁ ଆଶ୍ୱାସନା ଦେବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

# ବରଡିହା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପଞ୍ଚଦଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ଜଳେଶ୍ୱର, ୧୯/୧ (ନି.ପ୍ର): ଜଳେଶ୍ୱର ବ୍ଲକ ବରଡିହା ପଞ୍ଚାୟତରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟା କେନ୍ଦ୍ରର ପଞ୍ଚଦଶ ତମ ବାର୍ଷିକ ଉତ୍ସବ ସହିତ ବିଜ୍ଞାନ ମେଳା ହାଟ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି ।ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସଂପାଦକ ଅଞ୍ଜନ କୁମାର ଚନ୍ଦଙ୍କ ପରିଚାଳନା ରେ ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ମାହାନ୍ତି ଅଧକ୍ଷତା କରିଥିଲେ ।ବିଆରସିସି ଗିରିଶ ଚନ୍ଦ୍ର ବେଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲା ବେଳେ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଡ.ପ୍ରଫୁଲ୍ଲ କୁମାର ଦେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଭୋଗରାଇ ଆନନ୍ଦମୟୀ ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପିକା ସୁଷମା ଭୂୟାଁ,ସାମ୍ବାଦିକ ମନୋଜ କୁମାର ଭୂୟାଁ ସମ୍ମାନିତ ବକ୍ତା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସରପଞ୍ଚ ଅଜୟ କୁମାର ମହାନ୍ତି,ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଗିରି, ସିଆରସିସି ରବିନ୍ଦ୍ର କୁମାର ମହନ୍ତ,ଉପଦେଷ୍ଟା ମନ୍ମଥ କୁମାର ଗିରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଛାତ୍ରୀ ମିଲି ରାଣୀ ମାହାନ୍ତି ଓ ମୀନାକ୍ଷୀ କାମିଲା ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ସହିତ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିଲେ । ପ୍ରମୋଦ କୁମାର ଜେନା,ସିଦ୍ଧାର୍ଥ ପ୍ରଧାନ,ବାସନ୍ତୀ ମାହାନ୍ତି,ମାନସୀ ମହାନ୍ତି,ପୁଷ୍ପଲତା ସିଂ,ରଶ୍ମି ରେଖା ଦଳେଇ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇ ଥିଲା ।

# ଏଡତାଳ ସୋସାଇଟିରେ ଧାନମଣ୍ଡି ଉଦ୍‌ଘାଟିତ ଓ ଧାନର ମାନ ପରୀକ୍ଷା



ବାସୁଦେବପୁର, ୧୯/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଏଡତାଳ ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହେବା ସହିତ ଏଫ୍ ଏ କ୍ୟୁ ମାନର ଧାନ ପରୀକ୍ଷା କରା ଯାଇଛି । ଜିଲ୍ଲା ଅଫିସର ଓ କର୍ମଚାରୀ ଏହି ଧାନର ମାନ ପରୀକ୍ଷା କରିବା କରିଥିଲେ । ଏଥିରେ ଯୋଗ ଦେଇଥିଲେ ଏଡତାଳ ସୋସାଇଟି ର ସଭାପତି ଭରତ କୁମାର ନାୟକ, ସମ୍ପାଦକ ସୌମ୍ୟସ୍ମିତ ଦାସ, କୃଷି ସହ ଅଧିକାରୀ ପ୍ରୀତି ପଲ୍ଲବୀ ଓ ଧାନ କିଣା କମିଟିର ସଦସ୍ୟ ବନ୍ଧୁ । ୭୨୮ ଜଣ ଚାଷୀ ଏହି ସେବା ସମବାୟ ସମିତିରେ ପଞ୍ଜୀକୃତ ହୋଇଛନ୍ତି । ୬୩୩ ଜଣ ଟୋକନ ପାଇଛନ୍ତି । ଏହି ସୋସାଇଟିରୁ ଧାନ କିଣିବା ପାଇଁ ତିନି ମିଲର ଯଥା ପି ଏନ୍ ଆଗ୍ରୋ, କ୍ଷେତ୍ରପାଳ ଓ ୱାଇ ଜି ପି ଚୁକ୍ତିବନ୍ଧ ହୋଇଛନ୍ତି । ଧାନ କିଣିବାର ଟାର୍ଗେଟ ରହିଛି ୭୦୫୯ । ସେହିପରି ପଦ୍ମପୁର ସେବା ସମବାୟ ସମିତିରେ ଧାନର ମାନ ପରୀକ୍ଷା କରାଯାଇଛି । ଏଥିରେ ଯୋଗ ଦେଇଥିଲେ ସଭାପତି ପ୍ରତାପ କୁମାର ନାୟକ, ସମ୍ପାଦକ ଅନିରୁଦ୍ଧ ନାୟକ, ଚାଷୀ ଭାଇ,ସଦସ୍ୟ ସତ୍ୟ ସୁନ୍ଦର ନାୟକ, ହୃଷୀକେଶ ନାୟକ ଓ ଅନ୍ୟାନ୍ୟ ଧାନ କିଣା କମିଟିର ସଦସ୍ୟ ବନ୍ଧୁ । ସରକାର ଙ୍କ ନୀତି ନିୟମ କ୍ଷେତ୍ରରେ ବିଭିନ୍ନ ସମସ୍ୟା ପାଇଁ ଧାନ ଠିକ୍ ଭାବେ ବିଭିନ୍ନ ସୋସାଇଟିରୁ ଉଠି ପାରୁ ନାହିଁ ବୋଲି ଚାଷୀ ଭାଇ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ସ୍ୱଦେଶୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ




ବାସୁଦେବପୁର, ୧୯/୧ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପରିଷଦ ଅନ୍ତର୍ଗତ ସ୍ଥାନୀୟ ନୀଳମଣି ମାର୍କେଟ କମ୍ପ୍ଲେକ୍ସ ରେ ସ୍ୱଦେଶୀ ଜାଗରଣ ମଞ୍ଚ ଓଡ଼ିଶା ପୂର୍ବ ପକ୍ଷ ରୁ ସ୍ୱଦେଶୀ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସର ରେ ଆୟୋଜିତ ସଭା କାର୍ଯ୍ୟ କ୍ରମ ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ର ବାସୁଦେବପୁର ନଗର କାର୍ଯ୍ୟ ବାହ ରଶ୍ମି ରଞ୍ଜନ ପଲାଇ ଙ୍କ ସଭାପତିତ୍ୱ ରେ ଜିଲ୍ଲା ସମନ୍ୱୟ ସ୍ୱାବଲମ୍ବୀ ଭାରତ ଅଭିଯାନ ର ମାନସ ରଞ୍ଜନ ମହାନ୍ତି, ଜିଲ୍ଲା ସଂଯୋଜକ ତପନ କୁମାର ନାୟକ, ପ୍ରାନ୍ତ ସଂଯୋଜକ ଆଶୁତୋଷ ମୁଖାର୍ଜୀ ଉପସ୍ଥିତ ରହି ସ୍ୱଦେଶୀ ସଂକଳ୍ପ ଯାତ୍ରା ବିଷୟ ରେ ଅନେକ ତଥ୍ୟ ଆଲୋଚନା କରିଥିଲେ । ଏ ବି ଭି ପି ନଗର ସଭାପତି ପୁରୁଷୋତ୍ତମ ବେହେରା ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାସୁଦେବପୁର ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି, ଅଶୋକ ସାହୁ,ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଡ ଉମାକାନ୍ତ ଖୁଣ୍ଟିଆ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଅନେକ ବିଷୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସର ରେ ଏକ ଶୋଭାଯାତ୍ରା ବାସୁଦେବପୁର ବଜାର ପରିକ୍ରମା କରିଥିଲା ।

# ପୋଲାଣ୍ଡର ପାକିସ୍ତାନ ସହିତ ସଂପର୍କକୁ ବିରୋଧ କଲା ଭାରତ

ନୂଆଦିଲ୍ଲୀ, ୧୯/୧ (ନି.ପ୍ର): ଭାରତ ପୋଲାଣ୍ଡ ସହିତ ପାରସ୍ପରିକ ବ୍ୟାପାର ଏବଂ ସାଂସ୍କୃତିକ ଓ ଲୋକ-ଲୋକ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପ୍ରତି ନିଜର ଇଚ୍ଛା ପ୍ରକାଶ କରିଛି । କିନ୍ତୁ ଏହା ସହିତ, ରୁଷ ସହ ବ୍ୟାପାର ସମ୍ପର୍କିତ ବିଷୟରେ ଆମେରିକା ଦ୍ୱାରା ଟାରିଫ୍ ମାଧ୍ୟମରେ ଅନୁଚିତ ଭାବେ ଭାରତକୁ ଲକ୍ଷ୍ୟ କରାଯାଉଥିବା ଏବଂ ପୋଲାଣ୍ଡ ଦ୍ୱାରା ପାକିସ୍ତାନକୁ ଦିଆଯାଉଥିବା ସହଯୋଗ ଫଳରେ ଆତଙ୍କବାଦୀ ଢାଞ୍ଚା ମଜବୁତ ହେଉଥିବା ବିଷୟରେ ଭାରତ ନିଜର ଆପତ୍ତି ଖୋଲାଖୋଲି ଭାବେ ଜଣାଇଛି । ସୋମବାର ଏଠାରେ ହାଇଦ୍ରାବାଦ ହାଉସରେ ପୋଲାଣ୍ଡ ଗଣରାଜ୍ୟର ଉପ-ପ୍ରଧାନମନ୍ତ୍ରୀ ଏବଂ ବିଦେଶ ମନ୍ତ୍ରୀ ରାଡୋସ୍ଲା ସିକୋରସ୍କିଙ୍କ ସହ ପ୍ରତିନିଧିମଣ୍ଡଳ ସ୍ତରର ଦ୍ୱିପକ୍ଷୀୟ ବୈଠକରେ ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କର ଭାରତର ପକ୍ଷ ସ୍ପଷ୍ଟ ଭାବେ ଉପସ୍ଥାପନ କରିଥିଲେ ।

ମଙ୍ଗଳବାର, ୨୦ ଜାନୁଆରୀ ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବଡ଼ସାହି କଲେଜର ବାର୍ଷିକ ଉତ୍ସବ : ଏକାଗ୍ରତା, ନିରନ୍ତର ପ୍ରୟାସ, ସଂସ୍କାର ଜରୁରୀ

ବଡ଼ସାହି, ୧୯/୧ (ନି.ପ୍ର): ସ୍ଥାନୀୟ ବଡ଼ସାହି ପଂଚାୟତ ସମିତି ମହାବିଦ୍ୟାଳୟର ୪୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବଡ଼ସାହି ଜନପ୍ରିୟ ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ମୟୁରଭଞ୍ଜ ଧର୍ମାନନ୍ଦ ବେହେରା, ସମ୍ମାନୀତ ଅତିଥି ଭାବେ ଶହୀଦ ମେମୋରିଆଲ ଜୁନିୟର କଲେଜ ଅଧକ୍ଷ ଡ଼କ୍ଟର ଦିଲ୍ଲୀପ କୁମାର ଭୋଇ , ବଡ଼ସାହି ଗୋଷ୍ଠି ଉନ୍ନୟନ ଅଧିକାରୀ ବନଜା ଦାସ ଯୋଗ ଦେଇଥିଲେ । ବିଧାୟକ, ପ୍ରକଳ୍ପ ନିର୍ଦ୍ଦେଶକ ତଥା ଅନ୍ୟ ଅତିଥି ମାନେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଅନୁମୋଦିତ ଓ ନିର୍ମିତ କୋଠାଘର ଯାହା ବିଧାୟକ ସୁପାରିଶ ଦ୍ୱାରା ସମ୍ଭବ ହୋଇଛି, ତାର ଶୁଭ ଉଦଘାଟନ କରିଥିଲେ । ପ୍ରବଳ ଇଚ୍ଛା ଶକ୍ତି,ଏକାଗ୍ରତା, ନିରନ୍ତର ପ୍ରୟାସ ଓ ଉତ୍ତମ ସଂସ୍କାର ବଳରେ ଲକ୍ଷ୍ୟ ସ୍ଥଳ ରେ ପହଞ୍ଚି ହୁଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ କଲେଜ ର ମୁଖପତ୍ର 'ଭଞ୍ଜଶିଖା' ଏବଂ କଲେଜ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା । ସମସ୍ତ ଅତିଥିଙ୍କୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ର ସଂସଦ ଉପଦେଷ୍ଟା ଅଧ୍ୟାପକ ବିନୋଦ କୁମାର ପରିଡ଼ା ମଞ୍ଚ ଆମନ୍ତ୍ରଣ, ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବାବେଳେ ଷ୍ଟାଫ କାଉନ ସିଲ ସେକ୍ରେଟାରୀ ପ୍ରାଧ୍ୟାପକ ଫକୀର ଚରଣ ସାହୁ ବାର୍ଷିକ ବିବରଣୀ, ପ୍ରାଧ୍ୟାପକ ଡ଼. ଜୀବନ କୁମାର ପଣ୍ଡିତ କଲେଜର ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହାପରେ ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଉଭୟ +୨ ବିଭାଗ ଏବଂ +୩ ବିଭାଗ ର ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବ କୁ ସାଫଲ୍ୟ ମଣ୍ଡିତ କରିବା ରେ ବରିଷ୍ଠ ଅଧ୍ୟାପକ ପ୍ରଦ୍ୟୁମ୍ନ ସାଥୁଆ, ଶୈଳେଶ ବେହେରା , ଡ଼. ପାର୍ଥସାରଥୀ ବିଶ୍ୱାଳ, ବରିଷ୍ଠ କିରାଣୀ ସୁବାଷ ଚନ୍ଦ୍ର ବେହେରା , ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ । ମେଲୋଡି ' ଏଗ୍ରା ସନ ଲାଇଫ ବ୍ୟାଣ୍ଡ 'ର ଚିତ୍ତାକର୍ଷକ କାର୍ଯ୍ୟକ୍ରମ ସମସ୍ତଙ୍କ ହୃଦୟସ୍ପର୍ଶୀ ହୋଇଥିଲା । ଶେଷରେ ଛାତ୍ର ସଂସଦର ସହ ଉପଦେଷ୍ଟା ଅଧ୍ୟାପିକା ଡ଼. ରିତୁଲତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୦୧୯ରେ ବଳରାମ ସାହାଣୀ ନିଖୋଜ ମାମଲା: ଭୁବନେଶ୍ୱର ବାହାରକୁ ଗଲା ପୋଲିସ ଟିମ୍

ଭୁବନେଶ୍ୱର, ୧୯/୧ (ନି.ପ୍ର): ୨୦୧୯ ରେ ବଳରାମ ସାହାଣୀ ନିଖୋଜ ମାମଲା । ଭୁବନେଶ୍ୱର ବାହାରକୁ ଗଲା ଚନ୍ଦକା ଥାନା ପୋଲିସର ସ୍ୱତନ୍ତ୍ର ଟିମ । ଦ୍ୱିତୀୟ ଦିନରେ ରଶ୍ମିତାକୁ ଜେରା କରୁଛି ପୋଲିସ । ରଶ୍ମିତା ଖୋଲିବେ ୭ବର୍ଷ ତଳର ଘଟଣାର ରହସ୍ୟ। ଉଭୟ ବଳରାମ ଏବଂ ରଶ୍ମିତା ଗଞ୍ଜେଇ ବେପାର କରୁଥିବା ବେଳେ ହଠାତ କାହିଁକି ନିଖୋଜ ହେଲେ ସେନେଇ ରଶ୍ମିତା ଠାରୁ ସତ ବାହାର କରିବ ପୋଲିସ । ଏଯାଏଁ ବଳରାମ ମୃତ ନା ଜୀବିତ କାହା ପାଖରେ ନାହିଁ ତଥ୍ୟ ।

## ପୂରଣହେଲା କଣ୍ଟାବଣିଆ ଖରାଖିଆ ଓ ବାରଭାଗିଆ ଗ୍ରାମବାସୀଙ୍କ ସ୍ୱପ୍ନ

### ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେବ କଣ୍ଟାବଣିଆ-ଖରାଖିଆ ରାସ୍ତା




ଖଇରା, ୧୯/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ପଞ୍ଚାୟତର କଣ୍ଟାବଣିଆ ବାରଭାଗିଆ ଓ ଖରାଖିଆ ଗ୍ରାମକୁ ଯିବା ଆସିବା ଭଳି ନିତିଦିନିଆ ରାସ୍ତାଟିଏ ନଥିଲା ।୭୬ବର୍ଷ ଧରି କାଦୁଅ ପଚପଚ ରାସ୍ତାରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଘରୁ ବାହାରିବାକୁ ବାଧ୍ୟ ହେଉଥିଲେ । ଏଥିପାଇଁ ସ୍ଥାନୀୟ ଯୁବନେତା ରମେଶ ଘଡେଇ ଦୀର୍ଘଦିନ ଧରି ଉଦ୍ୟମ ଜାରି ରଖିଥିଲେ । ଶେଷରେ ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପ୍ରଚେଷ୍ଟାରେ ରାସ୍ତାପାଇଁ ପାଖାପାଖି ୨.୫୬କୋଟି ଟଙ୍କାର ମଞ୍ଜୁର ମିଳିଥିଲା । ସୋମବାର ଉପରୋକ୍ତ ୩ଗ୍ରାମକୁ ସଂଯୋଗ କରୁଥିବା କଣ୍ଟାବଣିଆ-ଖରାଖିଆ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଣ୍ଟାବଣିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖଇରା ସିମୁଳିଆ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୧୨୫ଟି ରାସ୍ତା ନିର୍ମାଣ କରାଯିବ । ଏବେ ୬ଟି ରାସ୍ତାର ଟେଣ୍ଡର ସରିଛି । ବାକି ୪ବର୍ଷ ମଧ୍ୟରେ ସମସ୍ତ ରାସ୍ତା ନିର୍ମାଣ ସାରିବାକୁ ଲକ୍ଷ ରଖାଯାଇଛି ବୋଲି ପ୍ରକାଶ କରିଥିଲେ । ରମେଶ ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ନାରାୟଣ ସାହୁ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ସରପଞ୍ଚ ପୁଷ୍ପଲତା ଘଡେଇ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ସୁଣ୍ଡିରା ସରପଞ୍ଚ ମମତାରାଣୀ ପରିଡା, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତ,ଚଗୁଲୁ ରାଉତ,ସୁରେଶ କୁମାର ମାଝୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।




କେନ୍ଦୁଝର ଜିଲ୍ଲା ଲେଖିକା ସଂସଦର ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ଶତରୂପା ସମ୍ମାନ ଗ୍ରହଣ କରିବା ଅବସରରେ....

## ନୀଳଗିରି ଆଇ.ଟି.ଡି.ଏକୁ ଆସିଥିବା ସରକାରୀ ଅନୁଦାନ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ କବଜାରେ

### ଅଭିଯୋଗ ଆଣି ଜନପ୍ରତିନିଧିଙ୍କ ଧାରଣା ଚେତାବନୀ

ନୀଳଗିରି , ୧୯/୧ (ନି.ପ୍ର): ନୀଳଗିରି ପଞ୍ଚାୟତସମିତି ଅଧୀନସ୍ଥ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ/ସଭ୍ୟାମାନେ ୨୦୨୩/୨୪ ଏବଂ ୨୫/୨୬ଆର୍ଥିକବର୍ଷରେ ନୀଳଗିରି ଆଇଟିଡିଏକୁ ଆସିଥିବା ସରକାରୀ ଅନୁଦାନକୁ ବିନା ଟେଣ୍ଡରରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଉନ୍ନୟନକାର୍ଯ୍ୟ କରିବାକୁ ଦିଆଯାଉଥିବା ନେଇ ଏକ ଦସ୍ତଖତ ସମ୍ବଳିତ ଅଭିଯୋଗପତ୍ର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ଏହି ପତ୍ରରେ ସଂସ୍ଥା ତରଫରୁ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରାଯାଇନଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ୨୦୨୩/୨୪ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଯୋଜନାରେ ୧୩ଗୋଟି ରାଜସ୍ୱଗ୍ରାମରେ ଗ୍ରାମସଭା କରାଯାଇ ୨କୋଟି ୬୦ଲକ୍ଷ ଅନୁଦାନ ଆସିଥିବା ବେଳେ ଅନୁରୂପ ଭାବେ ୨୦୨୩/୨୪ରେ ସ୍ୱତନ୍ତ୍ର ଉନ୍ନୟନପରିଷଦ (ଏସଡିସି) ଯୋଜନାରେ ୧କୋଟି ୨୬ଲକ୍ଷ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ଯୋଜନାରେ ଏକ କୋଟିରୁ ଉର୍ଦ୍ଧ୍ୱ,୨୦୨୫/୨୬ଆର୍ଥିକ ବର୍ଷରେ ଛାତ୍ରାବାସ ମରାମତି ୪୪ଲକ୍ଷ ୬୬ହଜାର, ସେହିପରି ୨୫/୨୬ଆର୍ଥିକ ବର୍ଷରେ ପାଚେରୀ ଉଚ୍ଚତା ପାଇଁ ୨କୋଟି, ଷ୍ଟାପକ୍ୱାଟର ମରାମତି ପାଇଁ ୩୮ଲକ୍ଷ, ସ୍କୁଲରେ ପାନୀୟଜଳ ଯୋଗାଣ ପାଇଁ ୭ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଆସିଥିବା ବେଳେ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏସମସ୍ତ ଅର୍ଥର ଉନ୍ନୟନକାର୍ଯ୍ୟ କରିବାପାଇଁ ସଂସ୍ଥା ତରଫରୁ କାର୍ଯ୍ୟକାରୀ ହେଉଥିବା ଅଭିଯୋଗକରି ଆସନ୍ତା ଜାନୁଆରୀ ୨୮ତାରିଖ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବବୋଲି ଏହି ଲୋକପ୍ରତିନିଧି ମାନେ ଚେତାବନୀ ଦେବାସହିତ ବାଲେଶ୍ୱର ଜିଲ୍ଲାପାଳ, ଏସପି, ନୀଳଗିରି ଉପଜିଲ୍ଲାପାଳ, ଏସଡି ପିଓ, ଆଇଆଇସି ଏବଂ ଏସଡିଏମଓଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି । ନୀଳଗିରି ପଞ୍ଚାୟତସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆରବନ୍ଧ ସରପଂଚ କୁଳମଣୀ ନାୟକ, ସମିତିସଭ୍ୟା ବିନତା ମାଡେଇ, ଭଉଁରିଆବାଡ ସରପଞ୍ଚ ସଞ୍ଜୟ କୁମାର ସିଂ, ସମିତିସଭ୍ୟା ସାବିତ୍ରୀ ସିଂ, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସିଆଡିମାଳ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡୀ, ନାୟବ ସରପଂଚ ହରେକୃଷ୍ଣ ମାଝୀ, ନରସିଂହପୁର ସମିତିସଭ୍ୟା ଅହଲ୍ୟା ନାୟକ, ରମାକାନ୍ତ ମଢ଼େଇ ମଛୁଆ ସମିତିସଭ୍ୟ ପ୍ରମୁଖ ବହୁ ନିର୍ବାଚିତ ଲୋକପ୍ରତିନିଧି ଏହି ଅଭିଯୋଗ ଆଣିଥିବା ସୂଚନା ମିଳିଛି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଇନ ସଚେତନତା ଶିବିର




ବାରିପଦା , ୧୯/୧ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଜି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କିନ୍ନର ମାନଙ୍କ ଅଧିକାର ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଓ ଦୌରା ଜଜ ସୁଦୀପ୍ତ କୁମାର ଆଚାର୍ଯ୍ୟ ପୌରହିତ୍ୟ କରିଥିବା ବେଳେ ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ କିନ୍ନର ମାନଙ୍କ ପ୍ରତି ସମାଜରେ ହେଉଥିବା ଅବହେଳା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ତାହାର ପ୍ରତିକାର ନିମନ୍ତେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାୟ ୩୦ ରୁ ଅଧିକ କିନ୍ନର ଯୋଗ ଦେଇ ନିଜର ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ଅସୁବିଧା ଓ ତାହାର ପ୍ରତିକାର ସମ୍ପର୍କରେ ନିଜର ମତ ରଖିଥିଲେ । କାର୍ଯ୍ୟକ୍ରମରେ ବାରିପଦା କୋର୍ଟର ସମସ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, ସମସ୍ତ ନ୍ୟାୟ ରକ୍ଷକ ଓ ଅଧିକାର ମିତ୍ର ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ କିନ୍ନର ମାନଙ୍କୁ ବିଭିନ୍ନ ଅଧିକାର ସମ୍ପର୍କରେ ସଚେତନ କରିବା ସହିତ ସରକାରଙ୍କ ଦ୍ୱାରା ଉପଲବ୍ଧ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ।

## ଉଦଳା ଆଇଟିଡ଼ିଏ ସହଯୋଗର ହାତ ବଢ଼ାଇଲେ: ମାଟ୍ରିକ ପରୀକ୍ଷା ଦେବେ 'ସଂଜୟ'

ଉଦଳା , ୧୯/୧ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ରାଢ଼ୋ ପଂଚାୟତ ଅନ୍ତର୍ଗତ ମଉଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଭାଇର ସୋରେନଙ୍କର ୧୬ ବର୍ଷ ବୟସର ପୁତ୍ର 'ସଂଜୟ' ଆଜକୁ୨ବର୍ଷ ହେବ ବିଦ୍ୟାଳୟକୁ ଯାଇ ନାହାଁନ୍ତି । ଦେହ ଅସୁସ୍ଥ ଥିବାରୁ ସେ ବିଦ୍ୟାଳୟ ଯାଇପାରିନଥିବା ଜଣାଇଛନ୍ତି । ଗ୍ରାମ ନିକଟରେଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ସେ ନବମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ଦିର୍ଘଦିନ ଧରି ପାଠଠାରୁ ଦୁରେଇ ଯାଇଥିବାରୁ ସେ ମାଟ୍ରିକ ପରୀକ୍ଷା ଦେବାକୁ ସାହାସ ବାନ୍ଧି ପାରୁ ନାହାଁନ୍ତି । ତେବେ ସରକାର ତାଙ୍କୁ ପୁଣିଥରେ ପାଠ ପଢ଼ିବାର ସୁଯୋଗ ଦେଲେ ସେ ମାଟ୍ରିକ ପରୀକ୍ଷା ଦେବାକୁ ମନବଳାଇଛନ୍ତି । ତେବେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନସଂସ୍ଥା 'ସଂଜୟ'ଙ୍କୁ ସହଯୋଗର ହାତ ବଢ଼ାଇବାକୁ ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି ।

## ୩ୟ ଶ୍ରାଦ୍ଧ ବାର୍ଷିକୀ ତଥା ପ୍ରତିମୂର୍ତ୍ତି ଅନାବରଣ



ଆବିର୍ଭାବ :- ୨୬-୦୨-୧୯୪୮, ତିରୋଧାନ :- ୨୦-୦୧-୨୦୨୩

୰ରାଧାଶ୍ୟାମ ପଣ୍ଡା

ଅବସରପ୍ରାପ୍ତ ସୁନାମଧନ୍ୟ ପ୍ରଧାନଶିକ୍ଷକ, ସାରସ୍ୱତ ସାଧକ, ଅନୁଷ୍ଠାନପ୍ରେମୀ ଓ ସମାଜସେବୀ...

ହରିହରପୁର ଶାସନ, ଫତେପୁର, ଖଇରା, ବାଲେଶ୍ୱର

ଚାହୁଁ ଚାହୁଁ ତିନି ବର୍ଷ ବିତି ଗଲାଣି । ଆପଣ ଆମ ମାନଙ୍କଠାରୁ ବିଦାୟ ନେଇ କେଉଁ ଅଜଣା ରାଇଜକୁ ଚାଲିଗଲେ ଯେ ଆଉ ଫେରିଲେ ନାହିଁ । ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ ଶ୍ରଦ୍ଧା, କର୍ତ୍ତବ୍ୟ ନିଷ୍ଠା, ଆଦର୍ଶ ବ୍ୟକ୍ତିତ୍ୱ ଓ ନିଃସ୍ୱାର୍ଥପରତା ଆମ ମାନଙ୍କର ସର୍ବଦା ପ୍ରେରଣାର ଉତ୍ସହେଉ । ଆପଣତ ପୁସ୍ତକ ପ୍ରିୟ, ସେଥି ପାଇଁ ଆମେ ଆପଣଙ୍କର ଏକାଦଶାହ ଓ ପ୍ରଥମ ଶ୍ରାଦ୍ଧ ବର୍ଷିକୀରେ ୨ ଖଣ୍ଡ ସ୍ମରଣିକା,"କର୍ମଯୋଗୀ ରାଧାଶ୍ୟାମ" ଓ "ମୃତ୍ୟୁଞ୍ଜୟୀ ରାଧାଶ୍ୟାମ" ତତ ସହିତ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ "କବି ରାଧାଶ୍ୟାମ ଗ୍ରନ୍ଥାବଳୀ" ଲୋକାର୍ପଣ କରିଅଛୁ । ସାଦରେ ଗ୍ରହଣ କରି ଆମର ତୃଟି କ୍ଷମା କରିବେ । ୩ୟ ଶ୍ରାଦ୍ଧ ବାର୍ଷିକୀରେ ପ୍ରତିମୂର୍ତ୍ତି ଅନାବରଣ କରୁ ଅଛୁଁ । ଆପଣଙ୍କ ଅଶିର୍ବାଦ ସଦା ସର୍ବଦା ଆମ ଉପରେ ରହିବା ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା କରୁଅଛୁ ।

*ଶ୍ରଦ୍ଧାଞ୍ଜଳୀ ସହ* - ପତ୍ନୀ- ସରସ୍ୱତୀ ପଣ୍ଡା, ପଣ୍ଡା ପରିବାର, ଲୋକନାଥ ପାଠାଗାର ସଦସ୍ୟ , କବି ରାଧାଶ୍ୟାମ ସ୍ମୃତି କମିଟି,ବନ୍ଧୁ ବାନ୍ଧବ ଓ ଆତ୍ମୀୟସ୍ୱଜନ ।

## ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ମିଳିତ ମଞ୍ଚ ପକ୍ଷରୁ ଭଦ୍ରକରେ ସଭା




ଭଦ୍ରକ, ୧୯/୧ (ନି.ପ୍ର): ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବିରୁଦ୍ଧରେ କୃଷି ଶ୍ରମିକ ଓ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ମାନଙ୍କ ମଜୁରୀ ବୃଦ୍ଧି ଦାବିରେ ୧୯୮୨ ମସିହାରେ ଆମ ଦେଶରେ ସଂଗଠିତ ପ୍ରଥମ ସର୍ବଭାରତୀୟ ସାଧାରଣ ଧର୍ମଘଟରେ ସହୀଦ ହୋଇଥିବା କୃଷି ଶ୍ରମିକ ଓ ଶ୍ରମିକ ମାନଙ୍କ ସ୍ମୃତିରେ ତଥା ଆମ ଦେଶରେ ମୋଦି ସରକାର ଆଣିଥିବା ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା,ରାଷ୍ଟ୍ରାୟତ୍ତ ଉଦ୍ୟୋଗ ର ଘରୋଇକରଣ ବଂଦ କରିବା, କୃଷିଋଣ ଛାଡ କରିବା, କୃଷକ ଓ ଶ୍ରମିକ ଆତ୍ମହତ୍ୟା ବଂଦ କରିବା, ଦେଶ ତମାମ ସାଂପ୍ରଦାୟିକ ଭିଡହତ୍ୟା ଓ ଭିଡହିଂସା ବଂଦ କରିବା ଦାବିରେ ଏକ ପଥପ୍ରାନ୍ତ ସଭା ଓଡିଶା କ୍ଷେତମଜଦୂର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀ ଙ୍କ ଅଧକ୍ଷତାରେ ଭଦ୍ରକ ଷ୍ଟେଟବ୍ୟାଙ୍କ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ସଂପାଦକ କାଳନ୍ଦୀ ପାତ୍ର, ଓଡିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସଂପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସଂପାଦିକା ସୁରଜିତା ନାୟକ, ବରିଷ୍ଠ କୃଷକ ନେତା ନିରଞ୍ଜନ ପାଣି, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଶ୍ରମିକ ନେତା ମହେଶ୍ୱର ନାୟକ, ଆଇନଜୀବୀ ବିଜୟ ରାଉତ, ଶ୍ରମିକ ନେତା ଜୟନୂଲ ଆବେଦିନ, ଶ୍ରମିକ ନେତା ସେକ୍ ସିକୁ, ସେକ୍ ସତ୍ତାର, ଯୁବନେତା ବିପ୍ଳବ ଯେନା, କ୍ଷେତମଜଦୂର ନେତା ସୁରେନ୍ଦ୍ର ନାୟକ, ଯୁବନେତା ଜିଲାନି ଖାନ୍ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ଓ କେନ୍ଦ୍ରରେ ବିଜେପି ସରକାରଙ୍କ ଜନବିରୋଧି କର୍ପୋରେଟ ସପକ୍ଷବାଦୀ ନୀତି ବିରୁଦ୍ଧରେ ଶ୍ରମିକ-କୃଷକ- କୃଷି ଶ୍ରମିକ ମାନେ ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ । ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଭଦ୍ରକ ଜିଲ୍ଲାରେ ଅଭାବୀ ଧାନ ବିକ୍ରି ବିରୁଦ୍ଧରେ ଆଗାମୀ ଦିନରେ ତୀବ୍ର ଲଢେଇ ହେବା ସଂଗେ ସଂଗେ ଶ୍ରମିକ ଓ କୃଷକ ମାନଙ୍କ ଅଧିକାର ପାଇଁ ଆସନ୍ତା ଫେବୃଆରୀ-୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟ କୁ ଭଦ୍ରକ ଜିଲ୍ଲାରେ ସଫଳ କରିବା ପାଇଁ ଭଦ୍ରକ ଜିଲ୍ଲାବାସୀଙ୍କୁ ନିବେଦନ କରିଥିଲେ ।

## ଝାଟିଆ ମୁନୀ ମେଳାର ଚତୁର୍ଥ ସଂଧ୍ୟା: ଓଲିଉଡ କଣ୍ଠଶିଳ୍ପୀ ଶୁଭଶ୍ରୀଙ୍କ ସଙ୍ଗୀତରେ ମସଗୁଲ ଦର୍ଶକ

ଖଇରା, ୧୯/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଝାଟିଆ ମୁନି ମେଳାର ରବିବାର ଚତୁର୍ଥ ସଂଧ୍ୟା ଓଲିଉଡର ଚର୍ଚ୍ଚିତ କଣ୍ଠଶିଳ୍ପୀ ଶୁଭଶ୍ରୀ ସାହୁ ଙ୍କ ନୁଆ ଓ ପୁରୁଣା ସଙ୍ଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି । ଏଥିରେ ଯୁବନେତା ଇଂ ରାଜେଶ ମହାକୁଡ ମୁଖ୍ୟ ଅତିଥି ଓ ଗାୟତ୍ରୀ ଆଶ୍ରମର ମହନ୍ତ ଦିପ୍ତିକାନ୍ତ ଶାସ୍ତ୍ରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହୋତ୍ସବ ସମ୍ପର୍କର ସେତୁ ସୃଷ୍ଟି କରିଥାଏ ବୋଲି କହିଥିଲେ । ଭାଜପା ତୁଡିଗଡିଆ ମଣ୍ଡଳ ସଭାପତି ମାନସ କୁମାର ମୁଦୁଲି, ଯୁବନେତା ଦିନେଶ ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ

ବାହାନଗା , ୧୯/୧ (ନି.ପ୍ର): ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ବାହାନଗା ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୧୧୭ ଜଣ ଅଭିଯୋଗକାରି ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ଏହି ଅଭିଯୋଗ ମଧ୍ୟରେ ୯୯ ଗୋଟି ବ୍ୟକ୍ତିଗତ ଏବଂ ୦୬ ଗୋଟି ସାମୂହିକ ସମ୍ପର୍କିତ ଥିଲା । ଏହି ମିଳିତ ଜନଶୁଣାଣୀ ଶିବିରରେ ୧୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୧୨ ଜଣ ହିତାଧିକାରୀଙ୍କୁ ମୂଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା । ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଶ୍ରୀଯୁକ୍ତ ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।

## ନନ୍ଦୋର ମୁନୀ ମହୋତ୍ସବ ଉଦ୍‌ଯାପିତ

ଖଇରା, ୧୯/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୋର ମୁନୀ ପଡିଆରେ ଚାଲିଥିବା ଓଝାପୋଖରୀ ନନ୍ଦୋର ମୁନୀ ମହୋତ୍ସବ ରବିବାର ସନ୍ଧ୍ୟାରେ ନୃତ୍ୟଗୀତର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି । ଶେଷ ସଂଧ୍ୟାରେ ଓଡିଶାର ଖ୍ୟାତିସମ୍ପର୍ଣ୍ଣ କଳକାର ଅଭିଷେକ ପଣ୍ଡା ଓ ପ୍ରତିବିଶ୍ୱାଳଙ୍କ ସଂଳାପ ଓ ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା । ଏହି ଅବସରରେ ଆୟୋଜିତ ସଭାରେ ସୋର ରେଞ୍ଜର ହରିହର ମାଝୀ ଓ ସାମ୍ବାଦିକ ତପୋଧନ ବାରିକ,ସମାଜସେବୀ ବୈକୁଣ୍ଠ ସାମଲ,ଟିପୁ ଓଝା,ଆଦର୍ଶ ଶିକ୍ଷକ ନରହରି ରାଉଳ ଯୋଗ ଦେଇ ମହୋତ୍ସବ ପରସ୍ପର ମଧ୍ୟରେ ମନୋମାଳିନ୍ୟ ଦୁର କରି ଆପଣା ପଣିଆରେ ବାନ୍ଧି ରଖିଥାଏ ବୋଲି କହିଥିଲେ । ମଞ୍ଚ ପରିଚାଳକ ସୁଶାନ୍ତ ମହାପାତ୍ର ଓ ସୁବାସ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ସଂଧ୍ୟାରେ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଓ ଜିଲା ପରିଷଦ ମାନସ କୁମାର ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida